୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.44 Bhubaneswar Thursday March 21 2024 | ୨୬ତମ ବର୍ଷ ସଂଖ୍ୟା-୪୪ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଧନୀ ଓ ଅପରାଧ ତାଲିକାରେ କଂଗ୍ରେସ ବିଧାୟକ ଶୀର୍ଷରେ: ନବୀନ ସବୁଠୁ ଧନୀ, ଦୀପାଳିଙ୍କ ମୁଣ୍ଡରେ ସର୍ବାଧିକ ଋଣ



ଭୁବନେଶ୍ୱର,୨୦।୩(ପି.ଏନ): ରାଜ୍ୟରେ ଅସ୍ତିତ୍ୱ ସଙ୍କଟ ଦେଇ କଂଗ୍ରେସ ଗତି କରୁଛି ସତ, କିନ୍ତୁ ଦଳର ବିଧାୟକମାନେ ଧନୀ ତାଲିକାରେ ଶୀର୍ଷରେ ରହିଛି। ଦଳର ୭୫ପ୍ରତିଶତ ବିଧାୟକ କୋଟିପତି ଓ ୫୦% ବିଧାୟକଙ୍କ ନାଁରେ ସଙ୍ଗୀନ ଅପରାଧ ମାମଲା ରହିଛି। ଯାହାକି ବିଜେଡି ଓ ବିଜେପି ବିଧାୟକଙ୍କ ଅନୁପାତ ତୁଳନାରେ ଅଧିକ। ଅବଶ୍ୟ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ସର୍ବାଧିକ ବିଜେଡି ବିଧାୟକଙ୍କ ନାଁରେ ସଙ୍ଗୀନ ଅପରାଧ ମାମଲା ରହିଛି। ବିଜେଡି ବିଧାୟକମାନଙ୍କ ମୁଣ୍ଡପିଛା ସମ୍ପତ୍ତି ହାର ହାରାହାରି ୪.୩୧କୋଟି ଟଙ୍କା ଥିବାବେଳେ କଂଗ୍ରେସ ବିଧାୟକମାନଙ୍କ ହାରାହାରି ମୁଣ୍ଡପିଛା ସମ୍ପତ୍ତି ୪.୧୩କୋଟି ଟଙ୍କା ଓ ବିଜେପିର ବିଧାୟକମାନଙ୍କ ସମ୍ପତ୍ତି ହାରାହାରି ୧.୦୫କୋଟି ଟଙ୍କା ରହିଛି । ମହିଳା ବିଧାୟକଙ୍କ ସଂଖ୍ୟା ମାତ୍ର ୧୨% ରହିଛି । ରାଜ୍ୟର ୮ଜଣ ବିଧାୟକ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି । ଇଲେକ୍ସନ ୱାଚ୍ ଓ ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମ(ଏଡିଆର) ପକ୍ଷରୁ ଆଜି ପ୍ରକାଶିତ ଓଡିଶାର ବିଧାୟକମାନଙ୍କର ଅପରାଧ ପୃଷ୍ଠଭୂମି, ଶିକ୍ଷା ଓ ଆର୍ଥିକ ସ୍ଥିତି ସମେତ ଅନ୍ୟାନ୍ୟ ଦିଗର ବିଶ୍ଳେଷଣାତ୍ମକ ରିପୋର୍ଟରେ ଏହା ଉଲ୍ଲେଖ ରହିଛି ।ଏଡିଆର ରିପୋର୍ଟ ଅନୁସାରେ, ମାର୍ଚ୍ଚ ୧୫ତାରିଖ ସୁଦ୍ଧା ଓଡିଶା ବିଧାନସଭାରେ ୧୪୬ଜଣ ବିଧାୟକ ଅଛନ୍ତି । ଦିଗପହଣ୍ଡି ବିଧାୟକଙ୍କ ମୃତ୍ୟୁ ଯୋଗୁ ଗୋଟିଏ ଆସନ ଖାଲି ପଡିଛି । ଏଥିରେ ୧୧୧ଜଣ ବିଜେଡି, ୨୨ଜଣ ବିଜେପି, ୮ଜଣ କଂଗ୍ରେସ, ୪ଜଣ ସ୍ୱାଧୀନ ଓ ଜଣେ ସିପିଏମ୍ ବିଧାୟକ ଅଛନ୍ତି । ସଙ୍ଗୀନ ଅପରାଧ ଥିବା ଏହି ମୋଟ ୪୭ଜଣ(୩୨%) ବିଧାୟକମାନଙ୍କ ମଧ୍ୟରେ ୩୧ଜଣ(୨୮%) ବିଜେଡିର, ୯ଜଣ(୪୧%) ବିଜେପିର ଓ ୪ଜଣ(୫୦%) କଂଗ୍ରେସ ବିଧାୟକ, ୨ଜଣ ସ୍ୱାଧୀନ ଓ ଜଣେ ସିପିଏମ୍ ବିଧାୟକ ଅଛନ୍ତି । ଏହି ସଙ୍ଗୀନ ଅପରାଧ ଭିତରେ ୨ଜଣଙ୍କ ନାଁରେ ହତ୍ୟା ମାମଲା, ୧୧ଜଣଙ୍କ ନାଁରେ ହତ୍ୟା ଉଦ୍ୟମ, ୧୨ଜଣଙ୍କ ନାଁରେ ମହିଳା ହିଂସା ମାମଲା ରହିଛି । ସେହିପରି ରାଜ୍ୟ ବିଧାନସଭାରେ ଏବେ ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ୪.୦୧କୋଟି ଟଙ୍କା ରହିଛି। ବିଜେଡି ବିଧାୟକମାନଙ୍କ ହାରାହାରି ମୁଣ୍ଡପିଛା ସମ୍ପତ୍ତି ୪.୩୧କୋଟି, କଂଗ୍ରେସର ୪.୧୩କୋଟି ଟଙ୍କା ଓ ବିଜେପିର ୧.୦୫କୋଟି ଟଙ୍କା ରହିଛି । କଂଗ୍ରେସର ୬ଜଣ, ବିଜେପିର ୯ଜଣ ଓ ବିଜେଡିର ୭୭ଜଣ ବିଧାୟକ ହେଉଛନ୍ତି କୋଟିପତି । ତେବେ ଯଦି ଅନୁପାତିକ ହିସାବରେ ଦେଖାଯାଏ ତା'ହେଲେ କୋଟିପତି ବିଧାୟକଙ୍କ ପରିମାଣ କଂଗ୍ରେସରେ ସର୍ବାଧିକ ।

## ସସପେନ୍ସ ହଟୁନି : ଏକାଠି କି ଏକା ଲଢ଼ିବୁ ସ୍ଥିର ହୋଇନି, ଏକାକୀ ଲଢ଼ିଲେ ସରକାର ଗଢ଼ିବା ପାଇଁ ହିଁ ଲଢ଼ିବୁ:ଶାହ



ଭୁବନେଶ୍ୱର,୨୦।୩(ପି.ଏନ):ରାଜ୍ୟରେ ବିଜେଡି ଓ ବିଜେପି ମଧ୍ୟରେ ନିର୍ବାଚନୀ ମେଂଟ ହେବ କି ନାହିଁ ତାକୁ ନେଇ ସସପେନ୍ସ ହଟିବାର ନାଁ ଧରୁନି। ଉଭୟ ବିଜେପି ଓ ବିଜେଡିର ଶୀର୍ଷ ନେତୃତ୍ୱଙ୍କ ବୟାନ ଏହି ମେଂଟ ସସପେନ୍ସକୁ ଅଧିକ ରହସ୍ୟମୟ କରିବାରେ ଲାଗିଛି। ଏସବୁ ମଧ୍ୟରେ ଆଜି ବିଜେପିର ଚାଣକ୍ୟ ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ପୁଣିଥରେ ଏକ ବଡ ବୟାନ ଆସିଛି। ଓଡିଶାରେ ଏକାଠି ଲଢ଼ିବୁ କିମ୍ବା ଏକା ଲ?ିବୁ ତାହା ସ୍ଥିର ହୋଇନି। ମାତ୍ର ଏକାକୀ ଲଢ଼ିଲେ ରାଜ୍ୟରେ ସରକାର ଗଢ଼ିବା ପାଇଁ ହିଁ ଲଢ଼ିବୁ ବୋଲି ଶାହ କହିଛନ୍ତି। ଗତକାଲି ବିଜେଡି ନେତା ଭିକେ ପାଣ୍ଡିଆନ ଦୁଇ ଦଳର ଶୀର୍ଷ ନେତା ଏକାଠି ହେବାକୁ ଚାହାଁନ୍ତି ବୋଲି ବୟାନ ଦେଇଥିଲେ ।ନୂଆଦିଲ୍ଲୀରେ ଏକ ଜାତୀୟ ଟିଭି ଚ୍ୟାନେଲର କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେପିର ଚାଣକ୍ୟ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ଯେ, "ଓଡିଶାରେ ମେଂଟ ହେବ କି ନାହିଁ ସେ ନେଇ କିଛି ଚୂଡାନ୍ତ ହୋଇନି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏନେଇ ନିଷ୍ପତ୍ତି ନେବେ। ତେବେ ଏହା ନିଶ୍ଚିତ ଯେ, ଓଡିଶାରେ ଆମର ସ୍ଥିତି ବହୁତ ଅଧିକ ସୁଦୃଢ଼ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଲୋକଙ୍କ ଭଲପାଇବା ଅଛି। ଦଳର କର୍ମକର୍ତ୍ତା ଉତ୍ସାହ ଓ ବିନମ୍ରତାର ସହ ଏହାକୁ ସ୍ୱୀକାର କରୁଛନ୍ତି ଓ ଅନୁଭବ ବି କରୁଛନ୍ତି। ତେଣୁ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ ଫଳାଫଳ ବହୁତ ଭଲ ହେବ। ନିର୍ବାଚନୀ ପଣ୍ଡିତମାନଙ୍କ ଗଣନାଠୁରଗୁଣ ଅଧିକ ସିଟ୍ ପାଇବୁ।ତେବେ ବିଜେଡି ସହ ମେଂଟକୁ ନେଇ ଶ୍ରୀ ଶାହ ଆହୁରି କହିଛନ୍ତି ଯେ, "କିଛି ବି ହୋଇପାରେ। ଆମେ ଏକାଠି ଲଢ଼ିବୁ କି ଏକାକୀ ଲଢ଼ିବୁ ତାହା ସ୍ଥିର ହୋଇଯାଉ। ଯଦି ମିଶିକି ଲଢ଼ିବୁ ବିଜୁବାବୁ ନେତା। ସ୍ୱାଭାବିକ ଭାବେ ଆମେ ସହଯୋଗୀ ଭଳି ଲ?ିବୁ। ଯଦି ଏକାକୀ ଲ?ିବୁ ତା'ହେଲେ ସରକାର ଗଠନ କରିବାକୁ ହିଁ ଲଢ଼ିବୁ।

## ଝାରପଡା ଜେଲରୁ ମିଳୁଛି ଗଞ୍ଜେଇ-ଚିଲମ: ବିଭିନ୍ନ ନିଶାଦ୍ରବ୍ୟ ଜବତ କଲା ପୋଲିସ



ଭୁବନେଶ୍ୱର,୨୦।୩(ପି.ଏନ): ଝାରପଡା ଜେଲ୍ ଏବେ ମାଫିଆଙ୍କ ନିଶାର ହବ୍ ପାଲଟି ଯାଇଛି । ଜେଲ୍ ଭିତରୁ ହିଁ ଜବତ ହୋଇଛି ଗଞ୍ଜେଇ, ଖଇନି ଭଳି ଅନେକ ନିଶାଦ୍ରବ୍ୟ । ଯାହା ଏବେ ସମସ୍ତଙ୍କୁ ଚକିତ କରିଦେଇଛି । ଜେଲ୍ ପରିସରରେ ଗଣ୍ଡଗୋଳ ଘଟଣା ପରେ କମିଶନରେଟ୍ ପୋଲିସ ଝାରପଡା ଜେଲରେ ରେଡ୍ କରିଛି । ରେଡ୍ ସମୟରେ ଜେଲ୍ ଭିତରୁ ଗଞ୍ଜେଇ, ଚିଲମ, ଖଇନି ଏବଂ ବିଡି ଭଳି ବିଭିନ୍ନ ନିଶାଦ୍ରବ୍ୟ ଜବତ କରିଛି କମିଶନରେଟ୍ ପୋଲିସ । ଏ ନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି । ତେବେ ପୋଲିସର ନାକ ତଳେ ଜେଲ୍ ପରିସର ଭିତରୁ ଏଭଳି ନିଶାଦ୍ରବ୍ୟ ଜବତ ହେବା ପରେ ଏବେ ପୋଲିସ ବିଭାଗକୁ ନେଇ ପ୍ରଶ୍ନ ଉଠିଛି । ତେଣୁ ନିଶା କାରବାର ରୋକିବାକୁ ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି ଡିସିପି ପ୍ରକାଶ କରିଛନ୍ତି । ଏହାପରେ ଆଗାମୀ ଦିନରେ ରେଗୁଲାର ଜେଲ୍ ଭିଜିଟ କରାଯବା ନେଇ ସେ ପ୍ରକାଶ କରିଛନ୍ତି । ଏହାସହିତ ଜେଲରେ ହୋଇଥିବା ଏହି ଗ୍ୟାଙ୍ଗୱାର ମାମଲାର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି ।

## ନିର୍ବାଚନ କମିଶନର ନିଯୁକ୍ତି ମାମଲା: ଆବେଦନକାରୀଙ୍କ ଉଦ୍ଦେଶ୍ୟ ବିବାଦ ସୃଷ୍ଟି କରିବା

ଭୁବନେଶ୍ୱର,୨୦।୩(ପି.ଏନ): ନିକଟରେ ଦୁଇ ଜଣ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁଙ୍କୁ ନିଯୁକ୍ତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜଣେ ବିରୋଧୀ ଦଳର ନେତା ଏବଂ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ନିଯୁକ୍ତି ହୋଇଥିଲା। ତେବେ ନିର୍ବାଚନ କମିଶନରଙ୍କ ଏହି ନଯୁକ୍ତି ପ୍ରକ୍ରିୟାକୁ ନେଇ ଉଠିଥିଲା ଅନେକ ପ୍ରଶ୍ନ।ନିର୍ବାଚନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତିଙ୍କୁ ସାମିଲ ନ କରାଯିବାକୁ ନେଇ ବିବାଦ ଉପୁଜିଥିଲା। ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଆବେଦନ ହୋଇଥିଲା। ଏହି ଅବେଦନକୁ ନେଇ ଏବେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଆବେଦନକାରୀଙ୍କ ଉଦ୍ଦେଶ୍ୟ କେବଳ ବିବାଦ ସୃଷ୍ଟି କରିବା ବୋଲି କେନ୍ଦ୍ର ସରକାର ନିଜ ସତ୍ୟପାଠରେ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୨୧ ତାରିଖରେ ହେବ।

## ବିଜେଡିରେ ମିଶିଲେ ବିଧାୟକ ଅଧିରାଜ ପାଣିଗ୍ରାହୀ



ଭୁବନେଶ୍ୱର,୨୦।୩(ପି.ଏନ): ଗତକାଲି କଂଗ୍ରେସରୁ ଇସ୍ତଫା ଦେଇଥିବା ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଆଜି ବିଜେଡିରେ ମିଶିଛନ୍ତି। ଶ୍ରୀ ପାଣିଗ୍ରାହୀଙ୍କ ସହ ଖଡିଆଳ, ବୋଡନ ଓ ସିନାପାଲି ବ୍ଲକର ଅଧ୍ୟକ୍ଷଙ୍କ ସମେତ ୪୦ଜଣ ସରପଞ୍ଚ ଓ ୩୪ ଜଣ ସମିତି ସଭ୍ୟ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି । ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଜେଡିର ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ, ନୂଆପଡା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷିକା ତଥା ବିଜୁ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ମୁଖପାତ୍ର ପ୍ରିୟବ୍ରତ ମାଝୀଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିଲେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ। ଏକ ନୂଆ ଓଡିଶା ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତଥା ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଏବଂ ତାଙ୍କ ସମର୍ଥକମାନେ ବିଜେଡିରେ ମିଶିଥିବା କହିଛନ୍ତି ଅଧିରାଜ ପାଣିଗ୍ରାହୀ।

## ଓଡିଶା ଉପକୂଳରେ 'ସାଗର କବଚ୍-୧': ସମରାଭ୍ୟାସ କରୁଛନ୍ତି ନୌସେନା-ଓଡ୍ରାଫ୍ ଟିମ୍

ପାରାଦୀପ,୨୦।୩(ପି.ଏନ): ଆଜି ଓଡିଶା ଉପକୂଳରେ ଆରମ୍ଭ ହୋଇଛି ସମରାଭ୍ୟାସ 'ସାଗର କବଚ୍-୧' । ଭାରତୀୟ ନୌସେନା, ତଟରକ୍ଷା ବାହିନୀ ଏବଂ ସାମୁଦ୍ରିକ ପୋଲିସ ମିଳିତ ଭାବରେ ଏହି ସମରାଭ୍ୟାସରେ ସାମିଲ ହୋଇଛନ୍ତି । ଏହାବ୍ୟତୀତ ଜଙ୍ଗଲ ବିଭାଗ, ଓଡ୍ରାଫ ଟିମ ଏବଂ ଅନ୍ୟାନ୍ୟ ୧୮ଟି ସଂସ୍ଥା ସମରାଭ୍ୟାସରେ ସାମିଲ ହୋଇ ବିଭିନ୍ନ ପରିସ୍ଥିତି ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ଆତଙ୍କବାଦ ସଂଗଠନ ଏବଂ ଆତଙ୍କୀଙ୍କୁ ମାତ୍ ଦେବାକୁ ସୁରକ୍ଷାକର୍ମୀ ନିଜକୁ ଆହୁରି ଶକ୍ତିଶାଳୀ କରୁଛି । ବିଭିନ୍ନ ବିଭାଗରେ ସୁରକ୍ଷା ଦାୟିତ୍ୱରେ ରହିଥିବା କର୍ମୀ ନିଜକୁ



ସମସ୍ତ ପ୍ରତିକୂଳ ପରିସ୍ଥିତି ପାଇଁ ସଜାଗ ରଖିବା ପାଇଁ ପ୍ରସ୍ତୁତି ଅଭିଯାନରେ ଭାଗ ନେଇଛନ୍ତି । ତେବେ ଏହି ସମରାଭ୍ୟାସରେ ବ୍ଲୁ ଏବଂ ରେଡ୍ ଟିମ୍ ନାଁରେ ଦୁଇଟି ଟିମ୍ ନିଜ ନିଜର ଯୁଦ୍ଧ କୌଶଳ ଦେଖାଉଛନ୍ତି ।

## ଝାରପଡା ଜେଲରେ ରେଡ୍, ୬ ଜଣ ଏସପି ସାମିଲ

ଭୁବନେଶ୍ୱର,୨୦।୩(ପି.ଏନ): ଝାରପଡା ଜେଲରେ କମିଶନରେଟ ପୋଲିସର ରେଡ୍ । ଜେଲରେ ଗ୍ୟାଙ୍ଗୱାର ପରେ ଡସିପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଏହି ଚଢ଼ାଉ କରିଥିଲେ । ଏହି ଚଢ଼ାଉରେ ୬ ଜଣ ଏସପି ମଧ୍ୟ ସାମିଲ ଥିଲେ । ଜେଲର ପ୍ରତ୍ୟେକ ସେଲରେ ଚଢ଼ାଉ ଟିମର ଛାନଭିନ୍ ଜାରି ରହିଛି ।ସୂଚନାରୁ ପ୍ରକାଶ ନିକଟରେ ଭୁବନେଶ୍ୱର ସ୍ଥିତ ଝାରପଡା ଜେଲରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା । ଏଥିରେ ୪ ଜଣ ବିଚାରାଧୀନ କଏଦୀ ଗୁରୁତର ହୋଇଥିଲେ । ଗୁରୁତରମାନଙ୍କୁ ପ୍ରଥମେ ଜେଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ଜେଲ ଭିତରେ ଅବାଧ ନିଶା କାରବାରକୁ ନେଇ ଏହି ସଂଘର୍ଷ ଘଟିଥିଲା ।

## ନୀବନ ବାବୁଙ୍କ ୨୪ ବର୍ଷର ସରକାରରେ ଓଡ଼ିଶା ପାଇଛି କ'ଣ : ଯୁବ କଂଗ୍ରେସ




ଭୁବନେଶ୍ୱର,୨୦।୩(ପି.ଏନ): ଆଜି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସାଧାରଣ ସମ୍ପାଦକ ତଥା ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ସୁଦିପ ସାମଲ କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କୁ ସମ୍ବୋର୍ଦ୍ଧିତ କରି ବିଜୁ ଜନତାଦଳ ସରକାରର ୨୪ ବର୍ଷ ଶାସନ କାଳରେ ଓଡ଼ିଶା ପାଇଛି କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।୨୦୦୦-୦୯ ମସିହା ପର୍ଯ୍ୟନ୍ତ ଦୀର୍ଘ ୯ ବର୍ଷ ଧରି ବିଜେଡ଼ି ଓ ବିଜେପି ଓଡ଼ିଶାରେ ଏକ ମିଳିତ ସରକାର ଗଠନ କରି ଶାସନରେ ଥିଲେ। ୨୦୦୯ ମସିହାରୁ ଆଜି ପର୍ଯ୍ୟନ୍ତ ଲଗାତର ୧୫ବର୍ଷ କାଳଧରି ବିଜୁ ଜନତା ଦଳ ଏକାକି ରାଜ୍ୟରେ ଶାସନ କରୁଥିଲା ବେଳେ ଏହି ୨୪ ବର୍ଷ ଭିତରେ ଶ୍ରୀ ନବୀନ ପଟ୍ଟନାୟକ ହିଁ ମୁଖ୍ୟମନ୍ତ୍ରୀ ଥାଇ ଏ ରାଜ୍ୟର ଯେଉଁ ମୌଳିକ ସମସ୍ୟାଗୁଡ଼ିକୁ କାହିଁକି ସମାଧାନ ହୋଇପାରିଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ଦୁଇ ଦଶନ୍ଧି, ୪ ବର୍ଷ କ'ଣ ଏକ ଛୋଟ ସମୟକି ? ୨୦୦୦ ମସିହାରେ ଦେଇଥିବା ପ୍ରତିଶ୍ରୁତି ଗୁଡ଼ିକ ଆଜିପର୍ଯ୍ୟନ୍ତ ପୂରଣ କରିପାରିଲେ ନାହିଁ। ଏହି ୨୪ ବର୍ଷ ଭିତରେ ଓଡ଼ିଶାର ଦାରିଦ୍ର୍ୟତା କମିବା ପରିବର୍ତ୍ତେ ଆଜି ମଧ୍ୟ ରାଜ୍ୟର ୧୦ଟି ଆଦିବାସୀ ପ୍ରବଣ ଜିଲ୍ଲା ମାନଙ୍କରେ ୪୨ ପ୍ରତିଶତରୁ ୫୨ ପ୍ରତିଶତ ଲୋକ ଦରିଦ୍ର କାହିଁକି ? ପ୍ରତିବର୍ଷ ୨ଲକ୍ଷ ନିଯୁକ୍ତି ସୃଷ୍ଟି କରିବାପାଇଁ ଏ ସରକାର ପ୍ରତିଶ୍ରୁତି ଦେଇଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ସରକାରୀ ଦପ୍ତରରେ ଖାଲିପଡ଼ିଥିବା ୨ଲକ୍ଷ ୩୬ ହଜାର ପଦବୀ ବର୍ଷ ବର୍ଷ ଧରି କାହିଁକି ପୂରଣ କରାଯାଉନାହିଁ। ବେକାରୀ କ୍ଷେତ୍ରରେ ଓଡ଼ିଶା ଆଜି ୧ନମ୍ବର। ଓଡ଼ିଶାରୁ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଦାଦନ ଖଟିବାପାଇଁ ବିଭିନ୍ନ ରାଜ୍ୟକୁ ଯାଉଛନ୍ତି। ରାଜ୍ୟରେ ୪୫ଲକ୍ଷରୁ ଅଧିକ ଯୁବକ ଯୁବତୀ ବେରୋଜଗାର। ମହିଳା ଅତ୍ୟାଚାର ଓ ହିଂସା କ୍ଷେତ୍ରରେ ଓଡ଼ିଶା ଆଜି ସାରା ଭାରତବର୍ଷରେ ଚତୁର୍ଥ ସ୍ଥାନ ଗ୍ରହଣ କରିଛି। ୨୦୦୦ ମସିହାରେ ମହିଳା ଅତ୍ୟାଚାର ଓ ହିଂସା କାଁ ଭାଁ ଶୁଣିବାକୁ ମିଳୁଥିଲା କିନ୍ତୁ ଏବେ ପ୍ରତିଦିନ ୯ ଜଣ ମହିଳା ଧର୍ଷଣର ଶିକାର ହେଉଛନ୍ତି, ତନ୍ମ ମଧ୍ୟରୁ ୫ଜଣ ଅପ୍ରାପ୍ତ ବୟସ୍କା, ଏହା କ'ଣ ଠିକ ନୁହେଁକି ? ମହିଳାମାନଙ୍କ ସଶକ୍ତିକରଣ କଥା କୁହାଯାଉଛି କିନ୍ତୁ ରାଜ୍ୟର ସମସ୍ତ ସ୍କୁଲ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷକମାନଙ୍କର ମରୁଡ଼ି ପଡ଼ିଛି। ମହିଳାମାନେ ଗୁଣାତ୍ମକ ଶିକ୍ଷା ପାଇବେ ନାହିଁ ସଶକ୍ତ କିପରି ହେବେ ? ଯେଉଁମାନେ ସ୍ୱୟଂସହାୟିକା ଗୋଷ୍ଠିରେ ସାମିଲ ହେଲେ ସେମାନେ ସଶକ୍ତ ହୋଇଗଲେ କହିବା ଠିକ ନୁହେଁ। ଏବେ ମହିଳା ଅସଦାଚରଣ ଏବଂ ଶିଶୁ ନିଖୋଜ ଠାରୁ ଆରମ୍ଭ କରି ମୋଲେଷ୍ଟେସନ, ଧର୍ଷଣ ବର୍ଷକୁ ବର୍ଷ ବହୁପରିମାଣରେ ବୃଦ୍ଧି ପାଉଛି। ରାଜ୍ୟ ଋଣଗସ୍ତରେ ଉବୁଟୁବୁ ହେଉଛି। ୨୪ ବର୍ଷ ଶାସନକାଳ ଭିତରେ ରାଜ୍ୟର ଜନସାଧାରଣଙ୍କ ଆୟର କୌଣସି ବୃଦ୍ଧି ଘଟିନାହିଁ। ରାଜ୍ୟରେ ସମସ୍ତ ଠିକା କାମ ଅଣଓଡ଼ିଆ ଠିକାଦାରଙ୍କ ହାତରେ। ଓଡ଼ିଶାର ଠିକାଦାରମାନେ ଅଣଓଡ଼ିଆଙ୍କ ଉପରେ ନିର୍ଭରଶୀଳ। ଓଡ଼ିଶାର ଅସ୍ମିତା କଥା କହୁଥିବା ବିଜୁ ଜନତା ଦଳ କାହିଁକି ଜଣେ ଅଣଓଡ଼ିଆ ତାଲିମ ବ୍ୟକ୍ତି ଦ୍ୱାରା ପରିଚାଳିତ ? ରାଜ୍ୟର ସବୁକ୍ଷେତ୍ରରେ ଆଜି ଦୁର୍ନୀତି ଅତି ମାତ୍ରାରେ ବୃଦ୍ଧି ପାଇଛି। ଦୁର୍ନୀତିକୁ ଏ ସରକାର ନୀତି ବୋଲି ଗ୍ରହଣ କରିନେଇଛନ୍ତି। ଖଣି, ଡାଲି, ଜମି, ପାଣି ଓ ଚିଟଫଣ୍ଡ ଦୁର୍ନୀତିରେ ଉଭୟ ବିଜଡ଼ି ଓ ବିଜେପିର ନେତା ତଥା ମନ୍ତ୍ରୀମାନେ ସଂପୃକ୍ତ। ରାଜ୍ୟର ସମସ୍ତ କାର୍ଯ୍ୟାଳୟରେ ୪୦ ପ୍ରତିଶତରୁ ଅଧିକ ପିସି କାରବାର ଚାଲିଛି। ୨୪ ବର୍ଷ ଭିତରେ ରାଜ୍ୟରେ କୌଣସି ମନ୍ତ୍ରୀ, ବିଧାୟକ ଓ ସାଂସଦ ମାନଙ୍କର ଆୟ ବର୍ହିଭୂତ ସମ୍ପତିକୁ ନେଇ ମାମଲା ଦାୟର ହୋଇନାହିଁ। ଯେଉଁ ଅଣଓଡ଼ିଆ ଆଇଏସ, ଆଇପିଏସ ଅଫିସର ତୃତୀୟ ମହଲାରେ ସର୍ବମୟ କର୍ତା ସାଜିଛନ୍ତି ସେମାନଙ୍କ ବିରୁଦ୍ଧରେ ଭିଜିଲାନ୍ସ କେସ ଦାୟର ହେଉ ନାହିଁ। ଇଲୋକ୍ଟରାଲ ବଣ୍ଡ ମାଧ୍ୟମରେ ୧୦୦୦ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ରାଜନୈତିକ ଚାନ୍ଦା ପାଇଥିବା ବିଜୁ ଜନତା ଦଳ ରାଜ୍ୟବାସୀଙ୍କ ସମ୍ମୁଖରେ ସ୍ପଷ୍ଟ କରନ୍ତୁ କେଉଁ କେଉଁ କମ୍ପାନୀ ଏବଂ ବ୍ୟବସାୟୀମାନେ ତାଙ୍କୁ କେଉଁ ଆଧାରରେ ଚାନ୍ଦା ଦେଇଛନ୍ତି ଏବଂ ସରକାର ତାଙ୍କୁ କ'ଣ ଲାଭ ପଂହଚାଇଛନ୍ତି। ଠିକ ସେହିଭଳି ଭାବରେ ଭାରତୀୟ ଜନତାପାର୍ଟି ପାଖାପାଖି ୭ ହଜାର କୋଟି ଟଙ୍କା ଇଲୋକ୍ଟରାଲ ବଣ୍ଡ ମାଧ୍ୟମରେ ୨୦୧୮ ରୁ ଆଜି ପର୍ଯ୍ୟନ୍ତ ଚାନ୍ଦା ପାଇଛନ୍ତି। ଏତେଗୁଡ଼ିଏ ଟଙ୍କା କାହିଁକି ଶିଳ୍ପପତି ଓ ବ୍ୟବସାୟୀମାନେ ଦେଇଛନ୍ତି ଏହା ଦ୍ୱାରା ସେମାନେ ସରକାରଙ୍କ ଦ୍ୱାରା କ'ଣ ଲାଭ ପାଇଛନ୍ତି ତାହା ଭାରତୀୟ ଜନତାପାର୍ଟିର ନେତୃବୃନ୍ଦ ଜନସାଧାରଣଙ୍କ ସମ୍ମୁଖରେ ରଖନ୍ତୁ। ସ୍ୱଚ୍ଛତା କଥା କାଗଜ କଲମରେ କିନ୍ତୁ କାମରେ ଦେଖାନ୍ତୁ। ବିକାଶର ଚିତ୍ର କେବଳ ଗଣମାଧ୍ୟମରେ ପ୍ରଚାରିତ କରାଯାଉଛି। କିନ୍ତୁ ନଗଡ଼ାର ସୃଷ୍ଟିକର୍ତା କିଏ ? ଓଡ଼ିଶାର ଯାଜପୁରରେ କେବଳ ନଗଡ଼ା ନାହିଁ, ସ୍ୱର୍ଣ୍ଣଗର୍ଭା କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭ, ଝାରସୁଗୁଡ଼ା ଓ କଳାହାଣ୍ଡିର ଚିତ୍ର ମଧ୍ୟ ସମାନ। ଆଜି ମଧ୍ୟ ଶବବାହକ ଗାଡ଼ିଟିଏ ମିଳୁନାହିଁ ଏହାପରେ ମୁଖ୍ୟମନ୍ତ୍ରୀ ଓ ବିଜୁଜନତା ଦଳ ୧୦ବର୍ଷ ମାଗିବା ଅତ୍ୟନ୍ତ ଲଜ୍ଜାଦାୟକ କଥା। ରାଜସ୍ୱ ଆଦାୟ ନାମରେ ନିଶାକାରବାରକୁ ପ୍ରୋତ୍ସାହନ କରି ଯୁବବର୍ଗଙ୍କୁ ପଥଭ୍ରଷ୍ଟ କରାଇବା ଛଡ଼ା ନବୀନ ବାବୁ ଯୁବ ବର୍ଗମାନଙ୍କ ପାଇଁ କ'ଣ କରିଛନ୍ତି ଓଡ଼ିଶାବାସୀଙ୍କୁ ଜବାବ ରଖନ୍ତୁ। ବିଗତ ଦିନରେ ଯୁବ କଂଗ୍ରେସ ପକ୍ଷରୁ ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରୁ ଆସିଥିବା ଯୁବ କଂଗ୍ରେସ କର୍ମୀମାନେ ନବୀନ ବାବୁଙ୍କୁ ପ୍ରଶ୍ନ ପଚାରିବା ପାଇଁ ନବୀନ ନିବାସ ଯାଉଥିବା ସମୟରେ ସେମାନଙ୍କୁ ରାସ୍ତାରେ ପୋଲିସ ଲଗାଇ ଅଟକାଯାଇଥିଲା। ଏବେ ସମୟ ଆସିଛି ନବୀନ ବାବୁ ଏବଂ ତାଙ୍କ ଦଳର ନେତାମାନେ ଭୋଟ ମାଗିବା ପାଇଁ ଗାଁ ଗଣ୍ଡାକୁ ଯିବା ସମୟରେ ଯୁବ କଂଗ୍ରେସର କର୍ମକର୍ତାମାନଙ୍କର ପ୍ରଶ୍ନର ଉତର ରଖିବେ ତାହାପରେ ଭୋଟ ମାଗିବାପାଇଁ ଜନସାଧାରଣଙ୍କ ପାଖକୁ ଯିବେ। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସଂପାଦକ କେଦାର ଦଳାଇ, ଯୁବ କଂଗ୍ରେସ ନେତା ମହମ୍ମଦ ପରଭେଜ ଉପସ୍ଥିତ ଥିଲେ।

## ଆସନ୍ତା ୨୨କୁ ଘୁଞ୍ଚିଲା ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ



ଭୁବନେଶ୍ୱର,୨୦।୩(ପି.ଏନ): ଆସନ୍ତା ୨୨ ତାରିଖକୁ ଘୁଞ୍ଚିଲା ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ । ଏହି ଦିନ ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାକୁ ନେଇ ଘୋଷଣା କରାଯିବ । ଏଥର ପ୍ରାର୍ଥୀ ତାଲିକାରେ ଓଡିଶା ପ୍ରାର୍ଥୀଙ୍କ ନାଁ ସାମିଲ ହେବା ନେଇ ଆଶା କରାଯାଉଛି । ଓଡିଶାର ବିଜେପି ଟିକେଟ୍ ନେଇ ମଙ୍ଗଳବାର ରାଜ୍ୟ ନେତୃତ୍ୱଙ୍କ ସହ ରାତି ଅଧ ପର୍ଯ୍ୟନ୍ତ ବୈଠକ କରିଥିଲେ ଗୃହମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବୈଜୟନ୍ତ ପଣ୍ଡା, ସମ୍ବିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅମିତ ଶାହ ଆସନ ୱାରୀ ଆଲୋଚନା କରିବା ସହ ପ୍ରତି ନିର୍ବାଚନମଣ୍ଡଳୀର ସ୍ଥିତି ବୁଝିଥିବା ସୂଚନା ମିଳିଛି । ସୋମବାର ମଧ୍ୟ ରାତି ୨ଟା ପର୍ଯ୍ୟନ୍ତ ମଧ୍ୟ ରାଜ୍ୟ ନେତାଙ୍କ ସହ ଆଲୋଚନା କରିଥିଲେ କେନ୍ଦ୍ରୀୟ ନେତୃତ୍ୱ ।ବିଜେପି ପ୍ରଥମ ପର୍ଯ୍ୟାୟରେ ୧୯୫ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୭୨ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା । କିନ୍ତୁ ୨୬୭ ଆସନ ମଧ୍ୟରୁ ଓଡିଶାର କୌଣସି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ନଥିଲା । ଆଉ ଚର୍ଚ୍ଚା ହେଉଥିଲା ବିଜେଡି-ବିଜେପି ମେଣ୍ଟ ପାଇଁ ନାଁ ଘୋଷଣା ବିଳମ୍ବ ହେଉଛି । ତେବେ ପ୍ରାର୍ଥୀ ତାଲିକା ଯେତେ ବିଳମ୍ବ ହେବ, ମେଣ୍ଟ ଚର୍ଚ୍ଚା ସେତେ ଅଧିକ ହେବ ବୋଲି ରାଜନୀତି ସମୀକ୍ଷକ କହିଛନ୍ତି । ତେଣୁ, ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡିଶାର କୌଣସି ନେତାଙ୍କ ନାଁ ଘୋଷଣା ହେଉଛି କି ଆହୁରି ବିଳମ୍ବ ହେବ ତା ଉପରେ ସମସ୍ତଙ୍କ ନଜର ରହିଛି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’



ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲକନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ



କେନ୍ଦୁଝର (ପିଏନ୍): କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ୬୮ତମ ବାର୍ଷିକ ସାଧାରଣ ସଭା ନଗରଭବନଠାରେ ଗତ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସେ ନିଜ ଅଭିଭାଷଣରେ ଏହି ବ୍ୟାଙ୍କର ଜମା ସଂଗ୍ରହ ୬୨୯ କୋଟି ୬୯ ଲକ୍ଷ ଟଙ୍କାରେ ପହ ିଥିବାବେଳେ ବିଗତ ଆର୍ଥିକ ବର୍ଷରେ ୫୧୯ କୋଟି ୪୬ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିବା ସହ ଚଳିତ ଆର୍ଥିକ ବର୍ଷରେ ଏହାକୁ ବୃଦ୍ଧି କରାଯାଇ ୫୪୪ କୋଟି ୬୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରିଥିଲେ। ଏଥିମଧ୍ୟରୁ ୪୯୦ କୋଟି କୃଷି ଋଣ ଦିଆଯାଇଛି। ମହିଳା ସଶକ୍ତିକରଣ ପାଇଁ ୫୨୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ମାଧ୍ୟମରେ ବ ର୍ମାନ ସୁଦ୍ଧା ୧୨ କୋଟି ୭୭ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଭ୍ରାମ୍ୟମାଣ ଗାଡି ଦ୍ୱାରା ବ୍ୟାଙ୍କଙ୍ଗ ସେବା କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅପହ ଇଲାକାକୁ ସେବା ଯୋଗାଇ ଦିଆଯାଉଛି। ନିରନ୍ତର ଭାବେ ୭୨ ବର୍ଷ ଧରି ଜିଲ୍ଲାର କୃଷକମାନଙ୍କ ଉନ୍ନତି ନିମନ୍ତେ ସେବା ଯୋଗାଇ ଦିଆଯାଉଛି। ଏହାଦ୍ୱାରା କେନ୍ଦୁଝର ଜିଲ୍ଲା କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ ହୋଇଛି। ଏତଦବ୍ୟତୀତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଟିଏମ୍ ମାଧ୍ୟମରେ ଡିଜିଟାଲ ସେବା ଯୋଗାଇ ଦିଆଯାଉଛି। ପ୍ରାରମ୍ଭରେ ବ୍ୟାଙ୍କର ସହକାରୀ ପରିଚାଳକ ଆଲୋକ ବଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଦେବପ୍ରିୟ ପାତ୍ର, କେନ୍ଦୁଝର ସମବାୟ ୟୁନିୟନର ସଭାପତି ଅଟଳବିହାରୀ ଶତପଥି, ପୂର୍ବତନ ସମବାୟ ବ୍ୟାଙ୍କ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ସମବାୟ ସମିତି ସମୂହର ଉପନିବନ୍ଧକ ଶୁଭ୍ରକାନ୍ତି ତୁଙ୍ଗ,ସହକାରୀ ନିବନ୍ଧକ ଅଜୟ କୁମାର ସେଠୀ, କେନ୍ଦ୍ର ସମବାୟ ବ୍ୟାଙ୍କର ଉପ ସଭାନେତ୍ରୀ ରଶ୍ମିରେଖା ଚକ୍ର, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନ୍ଦ୍ରନାଥ କାଲୁଣ୍ଡିଆ, ନାବାର୍ଡର ଡିଡିଏମ୍ ଦୀପ୍ତିକାନ୍ତ ମଲ୍ଲିକ, ସହକାରୀ କୃଷି ଅଧିକାରୀ ଦିନବନ୍ଧୁ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲାର ୪୬ଟି କୃଷି ଋଣ ସମିତିର ସଭାପତି ଓ ପ୍ରତିନିଧିଙ୍କ ସମେତ ୧୦୧ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ବ୍ୟାଙ୍କ୍ ସହ ସହବନ୍ଧିତ ଅନ୍ୟ ସମିତି ବା ସେମାନଙ୍କ ପ୍ରତିନିଧି,ବ୍ୟାଙ୍କ ପରିଚାଳନା ପରିଷଦର ସମସ୍ତ ଡାଇରେକ୍ଟର,ଜିଲ୍ଲାର ବିଭିନ୍ନ ସମବାୟ ସମିତି ସମୂହର ସହନିବନ୍ଧକ, ଜିଲ୍ଲା ସମୀକ୍ଷା କ ୃପକ୍ଷ ତଥା ନିରୀକ୍ଷକବୃନ୍ଦ, ସରକାରୀ ବିଭାଗ ଅଧିକାରୀ ବୃନ୍ଧ ଯୋଗ ଦେଇଥିଲେ। ଆର୍ଥିକ ବର୍ଷ ୨୦୨୧-୨୨ର ସମୀକ୍ଷା ଫର୍ଦ୍ଦ,ଆୟ ଓ ବ୍ୟୟ, ନିଟ ଲାଭାଂଶର ବ ନ ସହ ବ୍ୟାଙ୍କ୍ ଅର୍ଜନ କରିଥିବା ସଫଳତା,ଉଦ୍‌ବେଗଜନକ ବିଷୟ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ସୋସୋ, କାଳିଆହତା ଓ ପଦ୍ମପୁରରେ ନୂତନ ଶାଖା ଖୋଲାଯିବାକୁ ନିଷ୍ପ ି ନିଆଯିବା ସହିତ ଜିଲ୍ଲାରେ ଥିବା ୮ଗୋଟି ସମବାୟ ସମିତିକୁ ୫ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବ୍ୟାଙ୍କ୍ ସଭାପତି ଶ୍ରୀ ପହି ନିଜ ଅଭିଭାଷଣରେ ଚଳିତ ଆର୍ଥିକ ବର୍ଷର ସ୍ଥିତି,ପ୍ରଗତି ସମ୍ବନ୍ଧୀୟ ସମ୍ୟକ୍ ତଥ୍ୟ ରଖି ସୁଚାଇଥିଲେ ଯେ ବ୍ୟାଙ୍କ ସବୁ ବ୍ୟବସାୟ କ୍ଷେତ୍ରରେ କ୍ରମାନ୍ୱୟ ବୃଦ୍ଧି କରିପାରିଛି। ବ ର୍ମାନ ଓ ଆଗାମୀ ଦିନମାନଙ୍କରେ ମହିଳାମାନଙ୍କ ଆର୍ଥିକ ସ୍ୱଚ୍ଛଳତା ତଥା ଉନ୍ନତି ପାଇଁ ମହିଳା ସ୍ୱୟଂସହାୟକ ଗୋଷ୍ଠି ଉପରେ ଗୁରୁତ୍ୱାରୋପ କରାଯାଉଛି। ଏତଦ୍‌ବ୍ୟତୀତ ବ୍ୟାଙ୍କର ଉଦ୍‌ବେଗଜନକ ବିଷୟ ଉପରେ ତଥ୍ୟ ଉପସ୍ଥାପନ କରି ସମସ୍ୟା ଗୁଡିକର ସମାଧାନ ପାଇଁ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନ୍ଦ୍ରନାଥ କାଲୁଣ୍ଡିଆ ଆର୍ଥିକ ପ୍ରଗତି ଓ ବ୍ୟାଙ୍କର ବିବରଣୀ ପାଠ କରିଥିଲେ। ଶେଷରେ ଜିଲ୍ଲା ସମବାୟ ୟୁନିୟନର ସଭାପତି ଅଟଳ ବିହାରୀ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

# ଶୀତକାଳୀନ ଜାତୀୟ ସେବା ଶିବିର ଉଦ୍‌ଯାପିତ



କେନ୍ଦୁଝର (ପିଏନ୍): ସ୍ଥାନୀୟ ଝାଡବେଲଦାସ୍ଥିତ ସନ୍ତୋଷୀ ମା' ଆଂଚଳିକ ଡିଗ୍ରୀ ମହାବିଦ୍ୟାଳୟର ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା ଶିବିର ମହୁଲଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତା୨୪.୧୨.୨୦୨୨ରିଖଠାରୁ ତା୩୦.୧୨.୨୦୨୨ରିଖ ପର୍ଯ୍ୟନ୍ତ ଦୀର୍ଘ ୭ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର କୁମାର ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍ୱେଚ୍ଛାସେବୀମାନଙ୍କୁ ସେବା ଓ ତ୍ୟାଗର ବ୍ରତି ହେବାପାଇଁ ଉପଦେଶ ଦେଇଥିଲେ । ଉକ୍ତ ଶିବିରକୁ ବିଭିନ୍ନ ଦିନ ମାନଙ୍କରେ ଅଧାପକ ଅମୀୟ ସାମ'ରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ହୋତା, ଶିକ୍ଷକ ରଂଜନ କୁମାର ଦାସ, ସ୍ଥାନୀୟ ସରପଂଚ ଚନ୍ଦ୍ରମଣୀ ସିଂ ଓ ବିଶିଷ୍ଟ ସମାଜସେବୀ ବୟୋବୃଦ୍ଧ ପୂର୍ଣ୍ଣଚନ୍ଦ୍ର କର, ସାମ୍ବାଦିକ ସଂଜୟ ପଣ୍ଡା, ଅବସରପ୍ରାପ୍ତ ଅଧାପକ ଅମୂଲ୍ୟ କୁମାର ମହାନ୍ତ, ଅସବରପ୍ରାପ୍ତ ପ୍ରଧାନଶିକ୍ଷକ ସଚିଦାନନ୍ଦ ସାହୁ, ରିମୁଳି କଲେଜର ଅଧାପକ ନରେନ୍ଦ୍ର କୁମାର ମହାନ୍ତ ଓ ପଂଜାବ ନ୍ୟାସନାଲ ବ୍ୟାଙ୍କ୍‌ର ବରିଷ୍ଠ ଅଧିକାରୀ ଅବସରପ୍ରାପ୍ତ ଅବନୀ ଚରଣ ପାତ୍ର ପ୍ରମୁଖ ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭାଗ ନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ପୂର୍ବତନ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ପରେଶ ଚନ୍ଦ୍ର ଧର, ଅଧାପିକା ପ୍ରଭାସିନୀ ଓଝା, କେନ୍ଦୁଝର କ୍ଷେତ୍ର ପ୍ରଚାର ଅଧିକାରୀ ପାର୍ଥସାରଥି ମଲ୍ଲିକ ଓ ସହ-ଅଧିକାରୀ ଜୀବନ ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଦେଶମାତୃକାର ସେବା କରିବା ସହ ଜଣେ ସୁନାଗରିକ ହେବାପାଇଁ ଉପଦେଶ ଦେଇଥିଲେ । ଉକ୍ତ ଶିବିରକୁ ପ୍ରୋଗ୍ରାମ ଅଧିକାରିଣୀ ଶ୍ରୀମତୀ ବିଜୟିନୀ ଆଚାର୍ଯ୍ୟ ଅତ୍ୟନ୍ତ ସୁଚାରୁରୂପେ ପରିଚାଳନା କରିଥିଲେ । ପରିଶେଷରେ ଶିବିରରେ ଭାଗ ନେଇଥିବା ସ୍ୱେଚ୍ଛାସେବୀମାନଙ୍କୁ ଅତଥିମାନଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପାଟେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ



କେନ୍ଦୁଝର (ପିଏନ୍): ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶୁଆକାଟୀରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଉଦ୍‌ଯାପନୀ ଉତ୍ସବକୁ ଅନୁଷ୍ଠାନର ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିପିନ ବିହାରୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଅନିଲ କୁମାର ଦାସ,ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ବାରିକ ଏବଂ ବାଂଶପାଳ ବ୍ଲକର ଅଧ୍ୟକ୍ଷ ମାନସ କୁମାର ଦେହୁରୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଅଭିଭାଷଣରେ କ୍ରୀଡାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଉକ୍ତ ଉତ୍ସବକୁ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ,ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନେ ଶାନ୍ତିଶୃଙ୍ଖଳାର ସହିତ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ ମୋହନ କୁମାର ସାହୁ, କ୍ରୀଡା ଉପାଧ୍ୟକ୍ଷା ଅନୁପମା ମହାପାତ୍ର,ଅଧ୍ୟାପକ ପ୍ରଶାନ୍ତ କୁମାର ନାଥ,ଶୁଭେନ୍ଦୁ କୁମାର ସାହୁ,ଆନନ୍ଦ ଚନ୍ଦ୍ର ନନ୍ଦ,ବିକାଶ କୁମାର ମହାନ୍ତ, ଅମରେଶ ଚନ୍ଦ୍ର ନାୟକ,ବିଶ୍ୱଜିତ ବାରିକ, ପ୍ରଶାନ୍ତ କୁମାର ଦାସ, ଅଧ୍ୟାପିକା ଗିତାରାଣୀ ମହାନ୍ତ, ଶୁଭଦର୍ଶିନୀ ମହାପାତ୍ର ଏବଂ କର୍ମଚାରୀ ଧୃତରାଷ୍ଟ୍ର ସାହୁ, ପରମାନନ୍ଦ ରଣା, ତ୍ରିଲୋଚନ ମହାନ୍ତ, ବସନ୍ତ କୁମାର ସାହୁ, ଦୁଃଖବନ୍ଧୁ ମହାନ୍ତ, ଭାଗବତ ମହାନ୍ତ ପ୍ରମୁଖ ସକ୍ରିୟ ଭାବେ ଶାନ୍ତିଶୃଙ୍ଖଳାର ସହିତ କ୍ରୀଡା ପରିଚାଳନା କରିଥିଲେ।

# ମା'ଚାମୁଣ୍ଡେଶ୍ୱରୀଙ୍କ ଶକ୍ତିପୀଠ, ମହିଶୂର

କର୍ଣ୍ଣାଟକ ରାଜ୍ୟର ମହୀଶୂର ସହର ଠାରୁ ମାତ୍ର ୧୩ କି.ମି.ଦୂର ଚାମୁଣ୍ଡି ପାହାଡ଼ ଉପରେ ଶ୍ରୀ ଚାମୁଣ୍ଡେଶ୍ୱରୀ ମନ୍ଦିର ଅବସ୍ଥିତ। ଏହି ମନ୍ଦିର ମା'ଦୁର୍ଗା(ପାର୍ବତୀ)ଙ୍କର ହିଁ ଅନ୍ୟ ଏକ ସ୍ୱରୂପ "ମା'ଚାମୁଣ୍ଡେଶ୍ୱରୀ"ଙ୍କୁ ସମର୍ପିତ ହୋଇଛି। ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ଅନୁଯାୟୀ ଭରତୀୟ ଉପମହାଦେଶରେ ୪ଟି ଆଦି ଶକ୍ତିପୀଠ, ୧୮ଟି ମହା ଶକ୍ତିପୀଠ ଓ ୫୧ ଟି ଶକ୍ତିପୀଠ ରହିଛି। ତେବେ ଏହି ୧୮ଟି ମହା ଶକ୍ତିପୀଠ ମଧ୍ୟରେ"ମା'ଚାମୁଣ୍ଡେଶ୍ୱରୀ"ମନ୍ଦିର ବା ଶକ୍ତିପୀଠ ଅନ୍ୟତମ। ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ସଂପର୍କରେ ପୁରାଣ ବର୍ଣ୍ଣିତ ଏକ ଚମକପ୍ରଦ କାହାଣୀ ରହିଛି। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ। ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱଂୟ ଦକ୍ଷରାଜ ଝିଅ ସତୀ ଓ ଶିବଙ୍କୁ ଅପମାନ ସୂଚକ କଥା ଶୁଣାଇଲେ। ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମା'ସତୀଙ୍କୁ ଖୁବ୍ ବାଧିଲା। ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ




ଦେଲେ। କିଛି କ୍ଷଣ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ଏହିପରି ପୃଥିବୀରେ ୪ଟି ଆଦି ଶକ୍ତିପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି।

ସେହି ଖଣ୍ଡ ବା ଅଂଶମାନଙ୍କ ମଧ୍ୟରୁ ମାତା ସତୀଙ୍କ କେଶ(ବାଳ)ଏହି ଶକ୍ତିପୀଠରେ ପଡ଼ିଥିଲା। ସେଦିନ ଠାରୁ ଏହି ସ୍ଥାନ ଏକ ପ୍ରମୁଖ ଶକ୍ତିପୀଠ ଭାବେ ପରିଚିତ। କୁହାଯାଏ ଯେ, ଶକ୍ତିପୀଠର ସୁରକ୍ଷା ହେତୁ ଭଗବାନ କାଳ ଭୈରବ ମଧ୍ୟ ସର୍ବଦା ଏଠାରେ ବିଦ୍ୟମାନ ଅଛନ୍ତି। ପୁରାଣ ଯୁଗରେ ଏହି କ୍ଷେତ୍ରକୁ "କ୍ରୋଂଚ ପୁରୀ"କୁହାଯାଉଥିଲା।



ଏହି କାରଣରୁ ଦକ୍ଷିଣ ଭାରତରେ ଏହି ମନ୍ଦିର "କ୍ରୋଂଚ ପିଠମ୍ ଭାବେ ମଧ୍ୟ ଜଣାଶୁଣା। ଦ୍ରାବିଡ଼୍ ବାସ୍ତୁଶିଳ୍ପ ଶୈଳୀରେ ନିର୍ମିତ "ମା'ଚାମୁଣ୍ଡେଶ୍ୱରୀ"ଙ୍କ ମନ୍ଦିର ଖୁବ୍ ଆକର୍ଷକ ଓ



କାରୁକାର୍ଯ୍ୟରେ ପୂର୍ଣ୍ଣ। ମନ୍ଦିର ଭିତର ଗର୍ଭଗୃହରେ ଦେବୀଙ୍କ ସ୍ୱର୍ଣ୍ଣର ପ୍ରତିମା ରହିଛି। ସାତ ମହଲା ବିଶିଷ୍ଟ ଏହି ମନ୍ଦିରର ଭବ୍ୟ ସ୍ୱରୂପ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ମନ୍ତ୍ରମୁଗ୍ଧ କରୁଛି। ପାହାଡ଼ ଉପରୁ ମହୀଶୂରର ପ୍ରାକୃତିକ ସୌନ୍ଦର୍ଯ୍ୟ ମନଲୋଭା ଭଳି ହୋଇଛି। ମହୀଶୂରର ଦଶହରା ପର୍ବ ବିଶ୍ୱ ପ୍ରସିଦ୍ଧ। ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଏହି ପର୍ବ ଏକ କମନୀୟ, ଅପରୂପ ଓ ଅଦ୍ୱିତୀୟ ହୋଇଥାଏ।

"ମା'ଚାମୁଣ୍ଡେଶ୍ୱରୀ"ଙ୍କ ମନ୍ଦିର ପଛକୁ ମହାବଳେଶ୍ୱରଙ୍କୁ ସମର୍ପିତ ଏକ ଛୋଟ ଶିବ ମନ୍ଦିର ରହିଛି, ଯାହା ୧ହଜାର ବର୍ଷ ରୁ ଅଧିକ ପୁରାତନ। ମନ୍ଦିରର ଏକ ମୁଖ୍ୟଦ୍ୱାର, ରୂପାରେ ତିଆରି ପ୍ରବେଶ ଦ୍ୱାର, ନବରଙ୍ଗ ସଭାମଣ୍ଡପ, ଭିତର ମଣ୍ଡପ ଓ ଗର୍ଭଗୃହ ରହିଛି। ମନ୍ଦିରର ଦ୍ୱାରରେ ଶ୍ରୀ ଗଣେଶଙ୍କ ପ୍ରତିମା ସ୍ଥାପିତ ହୋଇଛି। ରୂପାରେ ନିର୍ମିତ ଦ୍ୱାରରେ ମା'ଙ୍କର ବିଭିନ୍ନ ରୂପର ଚିତ୍ର ଶୋଭା ପାଉଛି। ମୂଳ ମନ୍ଦିରର ନିର୍ମାଣ ୧୨ ଶତାବ୍ଦୀରେ ହୋୟଶାଲ୍ ରାଜା ବିଷ୍ଣୁ ବର୍ଦ୍ଧନଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ଏହି ମନ୍ଦିରର ଶିଖର ୧୭ ଶତାବ୍ଦୀରେ ବିଜୟନଗର ଶାସକମାନେ ନିର୍ମାଣ କରିଥିଲେ।



"ମା'ଚାମୁଣ୍ଡେଶ୍ୱରୀ"ମହୀଶୂର ରାଜା ମାନଙ୍କ ଅଧିଷ୍ଠାତ୍ରୀ ଦେବୀ ଥିଲେ। ଏହି ମନ୍ଦିର ପାଖରେ ହିଁ ପାହାଡ଼ ଉପରେ ମହାବଳେଶ୍ୱର, ନନ୍ଦୀ ମନ୍ଦିର ଓ ଦେବୀ କୁଣ୍ଡ ଅବସ୍ଥିତ। ଏହି ସ୍ଥାନରେ ମା'ଦୁର୍ଗା ମହିଷାସୁରର ବଦ୍ଧ କରିଥିବା କୁହାଯାଏ। ଏହି ପାହାଡ଼ ଉପରେ ମଧ୍ୟ ମହିଷାସୁରର ସୁଉଚ୍ଚ ମୂର୍ତି ଓ ମା'ଙ୍କ ମନ୍ଦିର ରହିଛି। ମା'ଙ୍କ ମନ୍ଦିର ପ୍ରତିଦିନ ସକାଳ ୭ଟା ୩୦ରୁ ଦ୍ୱିପ୍ରହର ୨ଟା, ଅପରାହ୍ନ ୩ଟା ୩୦ରୁ ସନ୍ଧ୍ୟା ୬ଟା ଓ ସନ୍ଧ୍ୟା ୭ ଟା ୩୦ରୁ ରାତ୍ରି ୯ଟା ପର୍ଯ୍ୟନ୍ତ ଖୋଲା ରହେ। ଏହି ସମୟରେ ଭକ୍ତମାନେ ମା'ଙ୍କୁ ଦର୍ଶନ କରିବାର ସୁଯୋଗ ପାହାନ୍ତି।

ସେହିପରି ପର୍ଯ୍ୟଟକ ମାନେ ମହୀଶୂର ମହଲ, ଚିଡ଼ିଆଘର, ରଙ୍ଗନାଥିତ୍ତୁ, ପକ୍ଷୀ ଅଭୟାରଣ୍ୟ, ବୁଦ୍ଧିଷ୍ଟ ଗୋଲ୍ଡେନ୍ ମନ୍ଦିର ଆଦି ସଂଗ୍ରହାଳୟ ବୁଲି ଦେଖିପାରିବେ।

"ମା'ଚାମୁଣ୍ଡେଶ୍ୱରୀ"ଙ୍କ ଶକ୍ତିପୀଠରେ ପହଂଚିବା ପାଇଁ ବେଙ୍ଗାଲୁର ରେଳ ଷ୍ଟେସନରୁ ମହୀଶୂର ମଧ୍ୟରେ ଚାଲୁଥିବା କୌଣସି ଟ୍ରେନ୍ ରେ ଯାଇ ପାରନ୍ତି। ଶତାବ୍ଦୀ ଏକ୍ସପ୍ରେସ୍ ମହୀଶୂର କୁ ଚେନ୍ନାଇ ସହିତ ସଂଯୋଗ କରିଛି। କର୍ଣ୍ଣାଟକ ସଡ଼କ ପରିବହନ ନିଗମର ବସ୍ ଗୁଡ଼ିକ ମଧ୍ୟ ମହୀଶୂର ଠାରୁ ବିଭିନ୍ନ ରାଜ୍ୟକୁ ଚାଲିଥାଏ। ଦେଶର ପ୍ରମୁଖ ସହରରୁ ବେଙ୍ଗାଲୁର ପର୍ଯ୍ୟନ୍ତ ଫ୍ଲାଇଟ୍ ଦ୍ୱାରା ଯାଇ ପାରନ୍ତି। ଏହାଛଡ଼ା ରେଳ ଓ ସଡ଼କରେ ମହୀଶୂର ଯାଇ ହେବ। ସେଠାରେ ଯାତ୍ରୀମାନେ ରହିବାକୁ ହୋଟେଲ୍, ଲଜ୍, ଧର୍ମଶାଳା ଏବଂ ଆରାମଦାୟକ ଅତିଥି ଭବନ ମଧ୍ୟ ଉପଲବ୍ଧ ହେବ।

## କନ୍ଦଲେଇ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍): ଚନ୍ଦକା-ଡମ୍ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ, କନ୍ଦଲେଇର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ ସଂଗଠନ ଚିନ୍ମୟୀ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଏହି ଉତ୍ସବକୁ ଆୟୋଜନ କରାଯାଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ୍ କ୍ରୀଡ଼ା ଅଧିକାରୀ ଗୋପୀ ମୋହନ ପଟ୍ଟନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କ୍ରୀଡ଼ାର ଉପାଦେୟତା ସମ୍ପର୍କରେ ଛାତ୍ର, ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତ ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ସାମାଜିକ କର୍ମୀ ଚନ୍ଦ୍ରଶେଖର ପାଲ, ତ୍ରିଲୋଚନ ବେଉରା, ବାଳକୃଷ୍ଣ ରାଉତ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ଖେଳକୁଦ ଦ୍ୱାରା ଛାତ୍ର, ଛାତ୍ରୀଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ସନ୍ତୁଳିତ ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଙ୍ଗୀତ ଚୌକି, ଅଖା ଦୌଡ଼, ଆଳୁ ଚାମଚ, ୧୦୦ ମିଟର ଦୌଡ଼, ବେଙ୍ଗଡ଼ିଆଁ, ଚକୋଲେଟ୍ ଖିଆ, ଗଣିତ ଦୌଡ଼, ପୁଚି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜାନୁୟାରୀ ମାସ ୧୦ ତାରିଖ ଉଦ୍‌ଯାପନୀ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ସନ୍ତୋଷୀ ଜୈନ ସୂଚନା ଦେଇଛନ୍ତି।

## ରାତିର ଚନ୍ଦ୍ର ଆଲୁଅରେ ଜୀବନ ବିତାଉଛନ୍ତି ୪ ପ୍ରାଣୀ



ପଣ୍ଡାପଡା (ଆ.ପ୍ର.): ସଂପ୍ରତି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବକ୍ସିବାରିଗାଁ ଗ୍ରାମପଂଚାୟତ ଅନ୍ତର୍ଗତ ଶାଳବେଡା ଗ୍ରାମର ଅଗସ୍ତି ନାଏକ, ସ୍ତ୍ରୀ ଇନ୍ଦୁମତୀ ନାଏକ, ବଡଝିଅ ଲିପ୍‌ସା ନାଏକ ଓ ସାନପୁଅ ସାହିଲ ନାଏକ ଦିନରେ ସୂର୍ଯ୍ୟ ଆଲୋକ ଏବଂ ରାତିରେ ଚନ୍ଦ୍ର ଆଲୋକ ଦେଖାଯାଉଥିବା ଭଙ୍ଗା କୁଡିଆ ଘରେ ନିର୍ବିଘ୍ନରେ ନିଜର ସ୍ଥିତି ଜାହିର କରିଥାନ୍ତି । ବିଶେଷତଃ ବର୍ଷାଦିନରେ ଏମାନଙ୍କର ଦୁଃଖ କହିଲେ ନସରେ । ୪ ପ୍ରାଣୀ କୁଟୁମ୍ବକୁ ନେଇ ଏମାନଙ୍କର ସଂସାର । ବାପ, ମା ମୂଲମଜୁରୀ କରି ଉପାର୍ଜନ କରନ୍ତି । ସେହି ଉପାର୍ଜନରେ ୪ ପ୍ରାଣୀ କୁଟୁମ୍ବ ଓଳିଏ ଖାଇଲେ ଆର ଓଳିକୁ ଓପାସ ରହିବାକୁ ବାଧ୍ୟ ହୋଇଥାନ୍ତି । ସେଥିରେ ପୁଣି ଘର ଖଣ୍ଡିଏ ନଥିବାରୁ ଏ ଗରିବ ଆଦିବାସୀଟିଏ ବଢିଲା ଝିଅକୁ ନେଇ ଦୁଃଖ ଓ ଶଙ୍କାରେ କାଳାତିପାତ କରୁଛି । ସ୍ତ୍ରୀ ଇନ୍ଦୁମତୀ ରୋଗୀଣା । ଔଷଧ କିଣିବା ପାଇଁ କାଣି କଉଡିଟିଏ ମଧ୍ୟ ନାହିଁ । ଏ ପରିସ୍ଥିତିରେ ଘର ଖଣ୍ଡିଏ ପାଇଁ ଗ୍ରାମପଂଚାୟତ କାର୍ଯ୍ୟାଳୟର ସରପଂଚ ଓ ଅନ୍ୟ ଅଧିକାରୀଙ୍କୁ ଗୁହାରି କଲେ ଆଶ୍ୱାସନା ବ୍ୟତୀତ ବ ର୍ମାନ ସୁଦ୍ଧା ସୁଫଳ କିଛି ମିଳିନାହିଁ । ଅଶିକ୍ଷିତ ଓ ଗରିବ ଆଦିବାସୀ ହୋଇଥିବା ହେତୁ କାହା ପାଖରେ ଗୁହାରି କଲେ କିଏ ତା ଦୁଃଖ ଶୁଣିବ ରାହା ପାଉନି । ଅନ୍ୟପଟେ ସରକାର ଗରିବ ଓ ଆଦିବାସୀଙ୍କ ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି ବୋଲି ଡିଣ୍ଡିମ ପିଟୁଥିବା ସ୍ଥଳେ ବାସ୍ତବତା କାଗଜ କଲମରେ ସୀମିତ ବୋଲି ବୁଝାପଡୁଛି । ସ୍ଥାନୀୟ ଅଧିବାସୀ ଅଗସ୍ତିଙ୍କୁ ତୁରନ୍ତ ସରକାରୀ ଘର ଯୋଗାଇ ଦେବା ସଙ୍ଗେ ସଙ୍ଗେ ତା'ର ରୋଗିଣା ପତ୍ନୀଙ୍କୁ ସହାୟତା ଦେବାକୁ ଦାବି କରିଛନ୍ତି ।

## ବ୍ରାଉନ ସୁଗାର ଜବତ, ୪ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ଓ ଏହାର ଆଖପାଖ ଅଂଚଳର ଯୁବକମାନେ ଧଳାଜହର ନିଶାରେ କବଳିତ ହୋଇଥିବା ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇ ଆସିଛି । ବିଶେଷ କରି ବଡବଡିଆ ଓ ଶିକ୍ଷିତ ପରିବାର ଯୁବଗୋଷ୍ଠି ଏହି ନିଶାର ଶିକାର ହୋଇ ବିଭିନ୍ନ ସମୟରେ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏଭଳି ନିଶାର ଶିକାର ହୋଇଥିବା ଯୁବଗୋଷ୍ଠି ମାନେ ପୁଲିସର ନଜରକୁ ଆସିଥିବା ବେଳେ ସେମାନଙ୍କ କାର୍ଯ୍ୟକଳାପ ଉପରେ ପୁଲିସର ତୀକ୍ଷ୍ଣ ନଜର ରହୁଛି । ଏହି କ୍ରମରେ ୬ ଜଣ ଯୁବକ ଉତରଶାସନ ସ୍କୁଲ ନିକଟରେ ବ୍ରାଉନ ସୁଗାର ସେବନ କରୁଥିବା ଖବର ପାଇ ଜିଲ୍ଲା ସ୍ପେଶାଲ ସ୍କ୍ୱାର୍ଡ ଓ ଧର୍ମଶାଳା ପୁଲିସ ପକ୍ଷରୁ ମିଳିତ ଚଢାଉ କରାଯାଇ ୪ଜଣ ଯୁବକଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୪.୭୦ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି । ଗିରଫ ଯୁବକମାନେ ଏହି ଥାନା ଉତରଶାସନ ଗ୍ରାମର ଜଗନ୍ନାଥ ଦାସ (୨୩), ବିଶ୍ୱଜିତ ବାରିକ (୨୩), ଦୁବଗାଡିଆ ଗ୍ରାମର ବିଶ୍ୱଜିତ ସାମଲ (୨୩) ଓ ବଡମଙ୍ଗଳପୁର ଗ୍ରାମର ସତ୍ୟଜିତ ମାହାଲା (୨୩) ବୋଲି ଜଣାଯାଇଛି । ଏନେଇ ପୁଲିସ ୭୧୬/୨୨ରେ ଏକ ମାମଲା ରୁଜୁ କରି ଗିରଫ ଯୁବକମାନଙ୍କୁ ପଚରା ଉଚରା କରୁଛି । ଗିରଫ ଯୁବକମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଂଚଳରେ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରିରିକ ସମ୍ପର୍କ ରକ୍ଷା କରିବା ଏବଂ ପରେ ବିବାହ କରିବାକୁ ମନା କରିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରିଛି । ସୂଚନା ମୁତାବକ ଏହି ଥାନା କଂଟାପଟଣା ଗ୍ରାମର ଶିକାରୀ ପରିଡାଙ୍କ ଝିଅ ୨୦୧୫ ମସିହାରେ ବିବାହ କରିଥିଲେ । ହେଲେ ବିବାହର କିଛି ମାସ ପରେ ସ୍ୱାମୀ ସହିତ ମନୋମାଳିନ୍ୟ ହେବାରୁ ମହିଳା ଜଣକ ତାଙ୍କ ବାପଘରେ ଆସି ରହୁଥିଲେ । ତେବେ ଏହି ସମୟରେ ଚଡେଇଧରା ଅଂଚଳର ସଚିନ ପରିଡା (୩୦) ନାମକ ଜଣେ ଯୁବକଙ୍କ ସହିତ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା । ସଚିନ ଉକ୍ତ ମହିଳାଙ୍କୁ ଚାକିରି କରେଇଦେବା କହି ଭୁବନେଶ୍ୱରଠାରେ ଏକ ଘରଭଡା ନେଇ ଉଭୟ ରହୁଥିବା ସମୟରେ ବିବାହ ପ୍ରତିଶ୍ରୁତି ଦେଇ ସଚିନ ଉକ୍ତ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରକ୍ଷାକରିଥିଲେ । ଶାରୀରିକ ସମ୍ପର୍କ ରହିବା ଫଳରେ ମହିଳା ଜଣକ ଗର୍ଭବତୀ ହେବାରୁ ସଚିନ ତାଙ୍କର ୨ ଥର ଗର୍ଭପାତ କରାଇଥିଲେ । ଏବେ ମଧ୍ୟ ମହିଳା ଜଣକ ଗର୍ଭବତୀ ଥିବାବେଳେ ସଚିନ ତାଙ୍କୁ ବିବାହ କରିବାକୁ ଅମଙ୍ଗ ହେବାରୁ ମହିଳା ଜଣକ ଜେନାପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ୩୯୯/୨୨ରେ ଏକ କେଶ ରୁଜୁ କରି ସଚିନ ପରିଡାକୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଦିଗହରା ଜନଶିକ୍ଷା ସଂସ୍ଥାନ ପ୍ରକଳ୍ପ

କେନ୍ଦୁଝର (ପିଏନ୍): ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାରେ କେନ୍ଦ୍ର ସରକାରଙ୍କର ଏକ ଜନଶିକ୍ଷା ସଂସ୍ଥାନ ପ୍ରକଳ୍ପ ଚାଲୁଅଛି। ଦୀର୍ଘଦିନ ଧରି ଉକ୍ତ ପ୍ରକଳ୍ପ ଚାଲୁଥିଲେ ମଧ୍ୟ ଏହି ଜିଲ୍ଲାର ଯୁବକ ଯୁବତୀମାନେ ବିଭିନ୍ନ ଧନ୍ଦାମୂଳକ ଶିକ୍ଷାରୁ ବ ୍ତ ହେଉଛନ୍ତି, ଯଥା - କମ୍ପ୍ୟୁଟର ଶିକ୍ଷା, ଟେଲରିଂ, ଛତୁଚାଷ, ଫିନାଇଲ ପ୍ରସ୍ତୁତି ଇତ୍ୟାଦି। ଏହାଦ୍ୱାରା ଆଦିବାସୀ ଅ ଳରେ ବହୁ ଯୁବକଯୁବତୀ ରୋଜଗାରକ୍ଷମ ହୋଇପାରୁ ନାହାଁନ୍ତି। ଫଳରେ ଗଭୀର ଅସନ୍ତୋଷ ବୃଦ୍ଧି ପାଇବା ସହିତ ସ୍ଥାନୀୟ ଗ୍ରାମବାସୀ ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଦାୟୀ ବୋଲି ମତବ୍ୟକ୍ତ କରିଛନ୍ତି। ଉକ୍ତ ପ୍ରକଳ୍ପଟି ଠିକ୍ ଭାବରେ କାର୍ଯ୍ୟ କରୁ ନଥିବାରୁ ଏହା ମୂଳଲକ୍ଷ୍ୟଠାରୁ ଦୂରେଇ ଯାଇଛି ବୋଲି ସ୍ଥାନୀୟ ଜନସାଧାରଣ, ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜ୍ଞାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୨୧

# ରିଲ୍ସ ନିଶାରେ ଚାଲି ଯାଉଛି ଜୀବନ


ଡାକ୍ତର ସମ୍ରାଟ କର

ସକାଳୁ ବର୍ଷା ଲାଗିରହିଥିବାବେଳେ ସାମ୍ନାପଟ ଚା ଦୋକାନୀ କେଶବ ବଡ଼ ପାଟି କରି ଆମ ଘର ଭିତରକୁ ଚାଲି ଆସିଲା। କହିଲା ସାର ସବୁ ଓଲଟ ପାଲଟ ହୋଇଗଲା, ସେ କହିଲା ତାର ଜଣେ ସାନ ଭାଇ ଗତକାଲି ଛାତ ଉପରେ ରିଲ୍ସ ତିଆରି କରୁ କରୁ ତଳକୁ ଗଳି ପଡ଼ି ଗୁରୁତର ହୋଇଯାଇଛି ଏବେ ସେ ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ପଡ଼ିଛି। ମୁଁ ତାକୁ କହିଲି ସାମାନ୍ୟ ଅସାବଧାନରୁ ଏହି ରିଲ୍ସ ନିଶାରେ ଜଣେ ବିଏସଏଫ ଯବାନ ଜିତେନ୍ଦ୍ର ପାଢ଼ୀଙ୍କ ମୂଲ୍ୟବାନ ଜୀବନ ଚାଲିଯାଇଛି। ଗଞ୍ଜାମ ଧରାକୋଟ ଥାନା ନରଡ଼ା ବିଲିରୁ ଏଭଳି ସ୍ତବ୍ଧ କରିଦେବା ଭଳି ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ସୋସିଆଲ ମିଡ଼ିଆ ଭୂତ ଗ୍ରାସିଥିବା ଯୁବପିଢ଼ିଙ୍କ ଅଭିଭାବକଙ୍କ ନିଦ ହଜାଇଛି। ଏଭଳି ବିପଦଜନକ ରିଲ୍ସ ରାଜ୍ୟର ବୁଦ୍ଧିଜୀବୀ ଓ ସଚେତନ ଚିନ୍ତାଶୀଳ ନାଗରିକ ମାନଙ୍କ ଉଦବେଗ ବଢ଼ାଇ ଦେଇଛି। ଗତକାଲି ବାଲେଶ୍ୱରରେ ଏହିପରି ଏକ ଅଭାବନୀୟ ଘଟଣା ଘଟି ଅପେରା ପାର୍ଟିର ଜଣେ ପିଲା ରେଳଲାଇନରେ ରିଲ୍ସ ତିଆରି କରିବା ସମୟରେ ତାଙ୍କ ଉପରେ ଟ୍ରେନ ମାଡି ଯିବାରୁ ତାଙ୍କର ଅକାଳରେ ଜୀବନ ଦୀପ ଲିଭିଗଲା। କିଛି ଦିନ ତଳେ କଟକ ରେଳ ଷ୍ଟେସନର କିଛି ଦୂର ସାମ୍ନାରୁ ଆସୁଥିବା ଏକ ରେଳଗାଡ଼ିର କିଛି ଦୂର ଆଗରେ ରେଳ ଲାଇନରେ ଦୁଇ ଯୁବକ ଏହି ରିଲ୍ସ କରୁଥିବା ସମୟରେ ଗିରଫ ହୋଇଥିଲେ। ଖାଲି ଜିତେନ୍ଦ୍ର କାହିଁକି ପୂର୍ବରୁ ଏମିତି ପୁଳା ପୁଳା ଅଘଟଣ ମିଳିଯିବ, ଯେଉଁଥିରେ ରିଲ୍ସ ନିଶାରେ ଅନେକ ଜୀବନକୁ ବାଜିରେ ଲଗାଉଛନ୍ତି। କିଛିଙ୍କ ମୂଲ୍ୟବାନ ଜୀବନ ଅଚିରେ ଝଡ଼ି ଯାଉଛି। ଆଉ କିଛି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଉଛନ୍ତି। ଅନେକ ବିପଦଜନକ ବାଇକ ଷ୍ଟଣ୍ଟ ଦେଖାଉଛନ୍ତି। ପାହାଡ଼ ଶିଖରରେ ଚଢ଼ି ଭିଡ଼ିଓ ବନାଉଛନ୍ତି। ରିଲ୍ସ ପାଇଁ ପଶୁପକ୍ଷୀଙ୍କୁ ହଇରାଣ କରୁଛନ୍ତି। ଅଥବା ଜୀବନରୁ ମାରି ଦେଉଛନ୍ତି। ଏମିତିକି କିଛି ବିପଦଜନକ ରିଲ୍ସ ଯୋଗୁଁ ଅନ୍ୟ ନିରୀହ ଲୋକଙ୍କ ଜୀବନ ବାଜିରେ ଲାଗୁଛି। ଏଭଳି ବିପଦଜନକ ରିଲ୍ସ ବନାଇବା ବର୍ତ୍ତମାନ ଅନେକଙ୍କ ସଉକ ପାଲଟିଛି। ୨୦୨୧ ଜାନୁଆରୀ ୩ ତାରିଖ। ବିପଦଜନକ ଭାବେ ସେଲ୍ଫି ନେଉଥିବା ବେଳେ ନିରୁପମା ପ୍ରଜାପତି ଝାରସୁଗୁଡ଼ା କୁନକୁଣ୍ଡ ନଦୀ ସୁଅରେ ଭାସି ପ୍ରାଣ ହରାଇଥିଲେ। ଗତ ଫେବୃଆରୀ ୧୩ରେ ନବରଙ୍ଗପୁର ରାଇଘର ସରକାରୀ ଉଚ୍ଚବିଦ୍ୟାଳୟର ଏକ ରିଲ୍ସ ଭାଇରାଲ ହୋଇଥିଲା। ଜଣେ ସ୍କୁଲ ଛାତ୍ର ସ୍କୁଲ ଛାତରୁ ଆରପାର୍ଶ୍ୱ ଆଜବେଷ୍ଟସକୁ ଡେଇଁ ଷ୍ଟଣ୍ଟ ଦେଖାଉଥିଲେ। ତଳେ ପଡ଼ି ଆହତ ବି ହେଲେ।

ବାସ୍ତବ କଥା ହେଉଛି କେହି ଜାଣିଶୁଣି ଏମିତି ଭୁଲ କରେନି। ରାତାରାତି ଷ୍ଟାର ବନିଯିବା ନିଶା ଓ ୟୁଟ୍ୟୁବରୁ ପ୍ରବଳ ରୋଜଗାର ଲୋଭ ଏମାନଙ୍କୁ ଗ୍ରାସିଥାଏ। ଅନଲାଇନ ଗେମିଂରେ ଆତ୍ମହତ୍ୟା କରୁଥିବା ଓ ବିନା କାରଣରେ ପାଗଳଙ୍କ ଭଳି ହାତ କାଟି ଦେଉଥିବା ଇମୋସନାଲ ଅନଷ୍ଟେବଲ ପରସୋନାଲିଟି ଡିଜଅର୍ଡ଼ର ଭଳି ମାନସିକ ରୋଗୀଙ୍କ ସହ ଏମାନଙ୍କ ଲକ୍ଷଣ ପ୍ରାୟତଃ ସମାନ। ଏଭଳି ବିପଦଜନକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ସେମାନଙ୍କ ପରିବାର କିମ୍ବା ନିକଟତମ ଲୋକ ସଚେତନ କରାଇବା ଉଚିତ। ରାତାରାତି ସୀମିତ ଉଦ୍ୟମ ଓ ସମ୍ବଳରେ ପ୍ରତିଷ୍ଠିତ ହେବା ସହ ନିଜ ସାଙ୍ଗସାଥିଙ୍କ ମହଲରେ ଦେଖେଇ ହେବାର ପ୍ରବଣତା ଓ ଏହାକୁ ୟୁଟ୍ୟୁବରେ ଅପଲୋଡ କରି ରାତାରାତି ଧନୀ ହୋଇଯିବାର ନିଶା ମଧ୍ୟ ଏକ କାରଣ ରହୁଛି। ତେବେ ସବୁଠାରୁ ବଡ଼ ବିପଜ୍ଜନକ ଦିଗ ହେଉଛି ନିଶାଗ୍ରସ୍ତ ହୋଇ ଏହି କାର୍ଯ୍ୟରେ ଲିପ୍ତ ହେବା କାରଣ ନିଶା ସେବନ କରିବା ପରେ ଜଣେ ସାମୂହିକ ଭାବେ ଦେହଗତ କ୍ଷେତ୍ରରେ କିଛି ଉତ୍ତେଜନା ପାଇଥାଏ। ଯାହାକି ସେମାନଙ୍କୁ ଏପରି ଦୁର୍ବାର କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥାଏ। ରିଲ୍ସ ପରି ସେଲଫି ମାନିଆ ମଧ୍ୟ ଏକ ପ୍ରକାର ବିକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି କାର୍ଯ୍ୟ ଭାରତ ବାହାରେ ହେଉଥିଲେ ମଧ୍ୟ ସେଠାକାର ଆଇନରେ ଏ ନେଇ ବିଧିବଦ୍ଧ ବ୍ୟବସ୍ଥା ରହିଛି ଏବଂ ରିଲ୍ସ ବନାଇବା ପାଇଁ ମଧ୍ୟ ଏକ କ୍ଷେତ୍ର ରହିଛି। ଏହି ରିଲ୍ସ ବନାଇବାରେ କେତେକ କ୍ଷେତ୍ରରେ ଅଭିଭାବକଙ୍କ ଦୋଷ ମଧ୍ୟ ନଜରକୁ ଆସିଥାଏ କାରଣ ଆଜିକାଲି ସମସ୍ତଙ୍କ ହାତରେ ଉଚ୍ଚ ପ୍ରଯୁକ୍ତି ବିଦ୍ୟାର ଦାମୀ ମୋବାଇଲ ରହିଛି। ଏବଂ କେତେକ ଅଭିଭାବକ ସେମାନଙ୍କ ଛୋଟ ପିଲାଙ୍କୁ ଆକର୍ଷଣୀୟ ଓ ଅନ୍ୟ ମାନଙ୍କ ଠାରୁ ଶ୍ରେଷ୍ଠ ଦେଖାଇବା ପାଇଁ ରିଲ୍ସ ବା ମୋବାଇଲ ଫୋନରେ ସର୍ବଶେଷ ଫଟୋ ସୁଟ କରି ଅନ୍ୟମାନଙ୍କୁ ପଠାଇବା ପାଇଁ ପ୍ରେରିତ କରିଥାନ୍ତି। ପରବର୍ତ୍ତୀ ସମୟରେ ଏହା ପିଲାଟିର ବୟସ ବୃଦ୍ଧି ହେବା ସହ ଏଥିପ୍ରତି ଆସକ୍ତି ମଧ୍ୟ ବଢ଼ିଥାଏ। ଏହା କେତେକ କ୍ଷେତ୍ରରେ ହିଂସାତ୍ମକ ରୂପ ମଧ୍ୟ ନେଇଥାଏ। ପ୍ରେମ କ୍ଷେତ୍ର ହେଉ ବା ଅର୍ଥ ଦେଣନେଣ କ୍ଷେତ୍ରରେ ବନ୍ଧୁତା ସବୁକିଛି ତୁଚ୍ଛ ହୋଇଯାଇ ଏହା ଅସାମାଜିକ ଭାବନାକୁ ବଢ଼ାଇ ଦେଇଥାଏ। ଜନୈକ ସାଇବର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିପଦଜନକ ରିଲ୍ସ ବନାଇବା ବେଳେ କାହାରିକୁ ସାବାଡ଼ କରି ହେବନି। କିନ୍ତୁ ବିରି ମାଡ଼ ଦେଖି କୋଳଥ ଚେପା ଉକ୍ତି ଭଳି ପଦକ୍ଷେପ ନେବାକୁ ପଡ଼ିବ। ସୋସିଆଲ ମିଡ଼ିଆରେ ବିପଦଜନକ ରିଲ୍ସ ଭିଡ଼ିଓ ଦେଖିବା ମାତ୍ରେ ସମ୍ପୃକ୍ତ ଆଡ଼ମିନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ସାଇବର ପୁଲିସ ଏ ଦିଗରେ ଧ୍ୟାନ ଦେଉ। ପୁଲିସର ଏକ ସ୍ୱତନ୍ତ୍ର ଟିମ ଫେସବୁକ, ୟୁଟ୍ୟୁବ ଓ ଇନଷ୍ଟାଗ୍ରାମରେ ରୀତିମତ ନଜର ରଖି ଅମାନିଆଙ୍କୁ ଖୋଜି ବାହାର କରୁ। ବିପଦଜନକ ରିଲ୍ସ ଟ୍ରେଣ୍ଡ ଆପେ କମିଯିବ। ଏମିତି ନୁହେଁ ଯେ, ଓଡ଼ିଶା ପୁଲିସ କିଛି ପଦକ୍ଷେପ ନେଉନି। ଗତ ମାର୍ଚ୍ଚ ମାସରେ ଟୁଇଟ କରିଥିଲା ରାଜ୍ୟ ପୁଲିସ। ରେଳଧାରଣା, ପାହାଡ଼ ଓ ଗଭୀର ପାଣି, ଘାଟି ଭଳି ବିପଦପୂର୍ଣ୍ଣ ଜାଗାରେ ରିଲ୍ସ ନ କରିବାକୁ ପରାମର୍ଶ ଦେଇଥିଲା। କମିଶନରେଟ ପୁଲିସ ମଧ୍ୟ ଏଭଳି ଉପ୍ତାତିଆଙ୍କ ବିରୋଧରେ ଫତୱା ଜାରି କରିଥିଲା। ସୋସିଆଲ ମିଡ଼ିଆରେ ଭୟଙ୍କର ରିଲ୍ସ ଦେଖାଇ ଆତଙ୍କ ଖେଳାଉଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ଚେତାଇଥିଲା। ଏ କ୍ଷେତ୍ରରେ ବାପା ମାଆଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପ୍ରାଥମିକ ଭାବେ ପିଲାମାନଙ୍କୁ ମୋବାଇଲ ବ୍ୟବହାର କରିବା ପାଇଁ ଦେଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ପିଲା କେଉଁ ସାଇଟକୁ ଯାଉଛି, କ'ଣ ଦେଖୁଛି, କେତେ ସମୟ ବିତାଉଛି ଏବଂ ଏହାକୁ ନେଇ ତାର ବ୍ୟବହାରିକ ଓ ଆଚରଣଗତ ପରିବର୍ତ୍ତନ କ'ଣ ହେଉଛି ନଜର ରଖିବା ଜରୁରୀ। ଯଦି ପରବର୍ତ୍ତୀ ସମୟରେ ପିଲାଟି ଏଥିରେ ଅଭ୍ୟସ୍ତ ହୋଇଯାଉଛି ବା ଯେଉଁମାନେ ବି ଘଣ୍ଟା ଘଣ୍ଟା ଏପରି ବିପଦଜନକ ରିଲ୍ସ ତିଆରି କରୁଛନ୍ତି ସେମାନଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷଣ ଓ ପରାମର୍ଶ ଦରକାର। ସେମାନେ କ୍ଲିନିକାଲ ସାଇକୋଲୋଜିଷ୍ଟଙ୍କ ଠାରୁ ଥେରାପି ବି ନେଇପାରିବେ। ଅଭଭାବକମାନେ ଏ ନେଇ ଅଧିକ ବ୍ୟତିବ୍ୟସ୍ତ ନ ହୋଇ ପିଲାଟିକୁ ସ୍ୱାଭାବିକ ଜୀବନ ଅତିବାହିତ କରିବା ପାଇଁ ବା ଜଣକୁ ଏହି ନିଶାରୁ ନିବୃତ୍ତ କରିବା ପାଇଁ ତାକୁ ଉଚିତ ପରାମର୍ଶ ଦିଅନ୍ତୁ, ତା ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ ଏବଂ ଆବଶ୍ୟକ ପଡ଼ିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ଏନଡିଏ ବନାମ ଇଣ୍ଡିଆ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଆସନ୍ତା ଲୋକସଭା ନିର୍ବାଚନରେ ମିତ୍ର ତଥା ସହଯୋଗୀମାନଙ୍କ ସହ ୪୦୦ ଆସନ ଦଖଲ ପାଇଁ ଟାର୍ଗେଟ ଘୋଷଣା କରିବା ପରେ କେନ୍ଦ୍ରରେ କ୍ଷମତାସୀନ ବିଜେପି ଏବେ ଜାତୀୟ ଗଣତାନ୍ତ୍ରୀକ ମେଂଟ(ଏନଡିଏ) କୁ ପୁନଃ ସଂଗଠିତ କରିବା ପାଇଁ ଦେଶବ୍ୟାପୀ ରାଜନୈତିକ ସହଯୋଗୀମାନଙ୍କ ସହ ବିଚାର ବିମର୍ଷକୁ ଯୋରଦାର କରିଛି। ନବେ ଦଶକରେ ଏନଡିଏର ଅଂଶୀଦାର ଥିବା ପୂର୍ବତନ ସହଯୋଗୀମାନଙ୍କୁ ପୁଣି ଗୋଟିଏ ମଂଚରେ ଏକତ୍ରିତ କରିବା ପାଇଁ ପ୍ରୟାସ ଜାରି ରଖିଥିବାବେଳେ ଅନ୍ୟପକ୍ଷରେ ୨୦୨୩ର ମଧ୍ୟ ଭାଗରେ ଦେଶର ୨୬ଟି ବିରୋଧି ରାଜନୈତିକ ଦଳଙ୍କୁ ନେଇ ଗଠିତ ହୋଇଥିବା ଇଣ୍ଡିଆ ମେଂଟ ଏବେ ଖଣ୍ଡବିଖଣ୍ଡିତ ହେବାରେ ଲାଗିଛି। ଅଷ୍ଟାଦଶ ଲୋକସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷିତ ହେବାର ଅବ୍ୟବହିତ ଏହା ହିଁ ହେଉଛି ଆମ ଦେଶରେ ରାଜନୈତିକ ଦୃଶ୍ୟପଟ ବୋଲି ନିସନ୍ଦେହରେ କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଏନଡିଏ'ର ସଂଖ୍ୟା ବୃଦ୍ଧି ତଥା ମେଂଟକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ନିକଟରେ ବିଜେପି ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସହ ମେଂଟ ଗଠନ ଘୋଷଣା କରିଛି। ଯେ କି ଏନଡିଏରେ ପୂର୍ବତନ ଅଂଶୀଦାର ଦଳ ଭାବେ ଜଣାଶୁଣା। ଆନ୍ଧ୍ରପ୍ରଦେଶ ପାଇଁ କୌଣସି ପ୍ରତିଶ୍ରୁତି ପୂରଣ ହୋଇନଥିବା ଅଭିଯୋଗରେ ଟିଡିପି ୨୦୧୮ରେ ଏନଡିଏ ସହ ସମ୍ପର୍କ ଛିନ୍ନ କରିଥିଲା। କେବଳ ଏତିକି ନୁହେଁ ୨୦୦୨ ଗୁଜରାଟ ଦଙ୍ଗା ବେଳେ ମଧ୍ୟ ଟିଡିପି ଏନଡିଏରୁ ୨୦୦୩ରେ ଓହରି ଯାଇଥିଲା। ତେବେ ଆନ୍ଧ୍ରରେ ବିଜେପି ମେଂଟ କରିବାରେ ସଫଳ ହେବା ସହ ଆସନ ବଂଟନ ବୁଝାମଣାକୁ ମଧ୍ୟ ଚୂଡାନ୍ତ କରିବାରେ ସମର୍ଥ ହୋଇଛି। ବିଜେପି ମଧ୍ୟ ଓଡିଶାରେ କ୍ଷମତାସୀନ ବିଜୁ ଜନତା ଦଳ (ବିଜେଡି) ସହ ମେଂଟ କରିବା ପାଇଁ ପୁନର୍ବାର ପ୍ରୟାସ ଜାରି ରଖିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୯୮ ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡି ଏନଡିଏର ଅଂଶୀଦାର ଦଳ ଥିଲା। କେନ୍ଦ୍ରରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠିତ ଏନଡିଏ ସରକାରରେ ବିଜେଡି ଅଂଶୀଦାର ଥିବାବେଳେ ଓଡିଶାରେ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡି-ବିଜେପି ମିଳିତ ସରକାର କ୍ଷମତାସୀନ ଥିଲା। ୨୦୦୯ରେ ବିଜେପି ସହ ବିଜେଡି ସମ୍ପର୍କ ଛିନ୍ନ କରିବା ପରେ ମଧ୍ୟ ୨୦୧୪ରେ କେନ୍ଦ୍ରରେ ବିଜେପି ନେତୃତ୍ୱରେ ଗଠିତ ସରକାରଙ୍କୁ ବିଭିନ୍ନ ସଂକଟ ସମୟରେ ନିରନ୍ତର ସହଯୋଗ କରିଆସିଛି। ଏବେ ଦଳ ମଧ୍ୟରେ ମେଂଟ ପାଇଁ ପ୍ରୟାସ ଜାରି ରହିଥିବାବେଳେ ବିଜେପିର ରାଜ୍ୟଶାଖା ମେଂଟ ସପକ୍ଷରେ ନଥିବା ବାରମ୍ବାର କହୁଥିବାବେଳେ ବିଜେଡି ଶିବିରର ନୀରବତା ମେଂଟ ଚର୍ଚ୍ଚାକୁ ଆହୁରି ରହସ୍ୟାବୃତ କରିଥିବା ମନେ ହୁଏ। କିନ୍ତୁ ମେଂଟ ପାଇଁ କେଉଁ ଦଳ ଆପେ ମେଂଟ ପାଇଁ ପ୍ରୟାସ କରିଛି, ଏହା ଏବେ ବି ଅସ୍ପଷ୍ଟ ରହିଥିବାବେଳେ ବିଜେପିର ୪୦୦ ଟାର୍ଗେଟ ବିଜେଡିକୁ ମେଂଟଭୁକ୍ତ କରିବା କିଛି ଅସମ୍ଭବ ନୁହେଁ ବୋଲି ନିସନ୍ଦେହରେ କୁହାଯାଇପାରେ। ସେହିପରି ବିବାଦୀୟ କୃଷି ଆଇନକୁ ନେଇ ଏନଡିଏରୁ ଓହରି ଯାଇଥିବା ଶିରୋମଣୀ ଅକାଳୀ ଦଳ ପୁନର୍ବାର ମେଂଟକୁ ପ୍ରତ୍ୟାବର୍ତନ କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏବେ କୃଷକ ଆନ୍ଦୋଳନ ପୁନର୍ବାର ମୁଣ୍ଡ ଟେକିଥିବାରୁ ପରିସ୍ଥିତି ପ୍ରତି ଅକାଳୀ ଦଳ ସତର୍କ ଦୃଷ୍ଟି ରଖି ନିଷ୍ପତି ନେବା ମନେ କରାଯାଏ। ଆହୁରି ମଧ୍ୟ ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡୁରେ ମୁଖ୍ୟ ବିରୋଧି ଦଳ ଏଆଇଏଡିଏମକେକୁ ପୁଣି ଏନଡିଏକୁ ଫେରାଇ ଆଣିବା ପାଇଁ ବିଜେପି ପ୍ରୟାସ ଜାରି ରଖିଛି। ତେବେ ସୁବଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ବିରୋଧି ଇଣ୍ଡିଆ'ର ମୂଳଦୁଆ ପକାଇଥିବା ଏବଂ ଦେଶରେ ବିରୋଧି ଦଳର ଏକତା ପାଇଁ ପକ୍କା ସାଜିଥିବା ବିହାରର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ସୁପ୍ରିମୋ ନୀତିଶ କୁମାର ପୁନର୍ବାର ଏନଡିଏରେ ଯୋଗଦେଇ ଏବେ ବିଜେପି ପାଇଁ କ୍ରମାଗତ ତୃତୀୟ ଥର କ୍ଷମତା ଲାଗି ପ୍ରଚାର ଅଭିଯାନ ଚଳାଇଛନ୍ତି। ଏହା ନିସନ୍ଦେହ ଯେ, ନିତିଶଙ୍କ ସମ୍ପର୍କ ଛିନ୍ନ ଇଣ୍ଡିଆ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଥିବାବେଳେ ନିର୍ବାଚନ ଯେତିକି ଯେତିକି ନିକଟତର ହେଉଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧି ମେଂଟ ଇଣ୍ଡିଆ। ସେତିକି ସେତିକି ଦୁର୍ବଳ ହେବାରେ ଲାଗିଛି। ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ ଏବଂ କଂଗ୍ରେସ ମଧ୍ୟରେ ଆସନ ବଂଟନ ବିଫଳ ହୋଇଥିବାବେଳେ ତୃଣମୂଳକ କଂଗ୍ରେସ ରାଜ୍ୟର ସମସ୍ତ ୪୨ଟି ଯାକ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଏପରିକି ବ୍ରହ୍ମପୁର ଲୋକସଭା ଆସନରେ କଂଗ୍ରେସର ରାଜ୍ୟଶାଖା ସଭାପତି ତଥା ଲୋକସଭାରେ ବିରୋଧି ଦଳ ନେତା ଅଧିର ରଂଜନ, ଚୌଧୁରୀଙ୍କ ବିରୁଦ୍ଧରେ କ୍ରିକେଟିୟର ୟୁସୁଫ ପଠାନଙ୍କୁ ପ୍ରାର୍ଥୀ କରିଛି। ସେହିପରି ମହାରାଷ୍ଟ୍ରରେ ଶିବସେନ(ୟୁବିଟି) ଉଦ୍ଧବ ଗୋଷ୍ଠୀ ଏକତରଫା ଭାବେ କେତେକ ଆସନରେ ପ୍ରାର୍ଥୀ ଘୋଷଣା କରି କଂଗ୍ରେସ, ରାଷ୍ଟ୍ରବାଦୀ କଂଗ୍ରେସ (ଶରଦ ପାୱାର) ମେଂଟରେ ଫାଟ ସୃଷ୍ଟି କରିଛି। କେରଳରେ ବାମପନ୍ଥୀ ଏବଂ କଂଗ୍ରେସ ହେଉଛନ୍ତି ପରସ୍ପରର ମୁଖ୍ୟ ପ୍ରତିଦ୍ୱନ୍ଦୀ ଏବଂ ଇଣ୍ଡିଆ ପ୍ରମୁଖ ଅଂଶୀଦାର। ଏବେ ୱାଇନାଡାରେ ରାହୁଲ ଗାନ୍ଧୀଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦୀ ଭାବେ ସିପିଆଇ ନେତା ଏ.ରାଜା ଅବତୀର୍ଣ୍ଣ ହୋଇଛନ୍ତି। ଏହା ନିଶ୍ଚିତ ଯେ, କେତେକ ରାଜ୍ୟରେ ଇଣ୍ଡିଆ ମେଂଟରେ ପରସ୍ପର ବିରୋଧିରେ ଲଢେଇ ବିଜେପି ତଥା ବିଜେପି ପାଇଁ ପଥ ସୁଗମ କରି ଦେଇଛି ବୋଲି କହିଲେ ହୁଏତ ଅତ୍ୟୁକ୍ତି ହେବ ନାହିଁ। ଏଥିରେ ବୋଧହୁଏ କୌଣସି ଦ୍ୱିରୁକ୍ତି ନାହିଁ ଯେ, କେତେକ ବିରୋଧିଙ୍କୁ ମନାଇବା ପାଇଁ ବିଜେପି କେବଳ କୌଶଳ ପ୍ରୟୋଗ କରୁଥିବା କୁହାଯାଇପାରେ। ଯେଉଁମାନେ ବିଜେପି ସହ ହାତ ମିଳାଇବାକୁ କୁଣ୍ଠିତ, ସେମାନେ କେନ୍ଦ୍ରୀୟ ଏଜେନସି ତଦନ୍ତର ସମ୍ମୁଖୀନ ହେବା ଦେଖାଯାଏ। କିନ୍ତୁ ଏହା ନିଶ୍ଚିତ ଯେ, କ୍ଷମତାସୀନ ଦଳର ଏଭଳି ଆଭିମୁଖ୍ୟ ଗଣତନ୍ତ୍ର ପ୍ରତି ଆଦୌ ଶୁଭଙ୍କର ନୁହେଁ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# ଜଳକଷ୍ଟ ଓ ବାଙ୍ଗାଲୋରରୁ ଶିକ୍ଷା


ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

କର୍ଣ୍ଣାଟକ ସରକାର ବେଙ୍ଗାଲୁରୁ ପ୍ରାୟ ୭୦% ବିଦ୍ୟାଳୟ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି କାରଣ ରାଜ୍ୟରେ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି। ଏହି ସହରରେ ଦୈନିକ ପାଖାପାଖି ୨୮୦୦ ନିୟୁତ ଲିଟର ପାଣି ଦରକାର ପଡୁଥିବାବେଳେ ଏବେ ଯୋଗାଣ ପରେ ମଧ୍ୟ ୧୫୦୦ ନିୟୁତ ଲିଟର ପାଣିର ଆବଶ୍ୟକତା ପଡୁଛି। ଏକଦା ହ୍ରଦର ସହର ଭାବେ ପରିଚିତ ଥିଲା ବେଙ୍ଗାଲୁରୁ। ଯେଉଁଠି ପାଖାପାଖି ୨୮୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ହ୍ରଦ ଓ ଜଳାଶୟ ରହିଥିଲା। ଏଗୁଡ଼ିକ ଶୁଖିଲା ପଡ଼ିବା ସହ ଅନେକ ବଡ଼ ଜଳାଶୟ ଗୁଡ଼ିକ ପୋତି ହୋଇ ନୂଆ କଂକ୍ରିଟ ଜଙ୍ଗଲ ବା ଆପାର୍ଟମେଣ୍ଟ ତିଆରି ହୋଇଛି। ଏହା ହିଁ ଜଳ ସମସ୍ୟା ସୃଷ୍ଟି କରୁଛି ବୋଲି ପରିବେଶବିତ ମାନଙ୍କ ମତ। ଏ ଅବଶ୍ୟ ଭାତ ହାଣ୍ଡିରୁ ଗୋଟିଏ ପରି ଉଦାହରଣ। ଏପରି ଉଦାହରଣ ଆମ ଓଡ଼ିଶାରେ ବିଶେଷକରି କଟକ-ଭୁବନେଶ୍ୱର ପରି ଦ୍ୱୈତ ନଗରୀରେ ମଧ୍ୟ ବଡ଼ ସମସ୍ୟା ଭାବେ ଉଭା ହେଲାଣି। ସହରୀକରଣ, ଖାଦ୍ୟ ଉତ୍ପାଦନର ଚାପ, ଜନସଂଖ୍ୟା ବୃଦ୍ଧି ଏବଂ ନିର୍ମାଣ, ଘରୋଇ ଓ ଶକ୍ତି କ୍ଷେତ୍ରର ବଢୁଥିବା ଚାହିଦା ଯୋଗୁଁ ୨୦୩୦ ବେଳକୁ ବିଶ୍ୱ ୪୦ ପ୍ରତିଶତ ଜଳ ସଙ୍କଟର ସମ୍ମୁଖୀନ ହେବ। ନିକଟରେ ଜାତିସଂଘ ଜାରି କରିଥିବା ବିଶ୍ୱ ଜଳ ରିପୋର୍ଟ-୨୦୨୪ରେ ଏହି ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱରେ ଜଳ ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ଜଳ ରହିଛି। କିନ୍ତୁ ଜଳ ବ୍ୟବହାରରେ ପରିବର୍ତ୍ତନ ବିନା ଏହା ସମ୍ଭବ ନୁହେଁ ବୋଲି ଜାତିସଂଘର ବାର୍ଷିକ ବିଶ୍ୱ ଜଳ ବିକାଶ ରିପୋର୍ଟ କହିଛି। ଜଳର ସଠିକ ମାନ ନିର୍ଦ୍ଧାରଣ, ତଦାରଖ ଓ କାର୍ଯ୍ୟକାରୀ କରାନଗଲେ ଜଳାଭାବକୁ ରୋକାଯାଇ ପାରିବନାହିଁ। ରିପୋର୍ଟ ଅନୁସାରେ, ଜଳ ସଙ୍କଟର ସବୁଠୁ ବଡ଼ କାରଣ ସାଜିଛି ଜନସଂଖ୍ୟା ବୃଦ୍ଧି। ବିଶ୍ୱଜନସଂଖ୍ୟା ବର୍ତ୍ତମାନ ୭ଶହ କୋଟିରୁ ଅଧିକ ଥିବାବେଳେ ପ୍ରତିବର୍ଷ ହାରାହାରି ୮ କୋଟି ହିସାବରେ ଏହି ହାର ବଢ଼ିଚାଲିଛି। ଏପରି ହେଲେ ୨୦୫୦ ବେଳକୁ ଜନସଂଖ୍ୟା ୯ଶହ କୋଟି ଅତିକ୍ରମ କରିବ ବୋଲି ଆଶଙ୍କା କରାଯାଉଛି। ପ୍ରତିଦିନ ୭୪୮ ମିଲିଅନ୍ ଲୋକ ସ୍ୱଚ୍ଛ ପାନୀୟ ଜଳର ଉତ୍ତମ ଓ ସୁରକ୍ଷିତ ସ୍ରୋତ ପାଇବାରେ ଆଜି ବି ବଞ୍ଚିତ। ଗରିବ, ସାଧାରଣ ସାମାଜିକ ସୁବିଧାରୁ ବଞ୍ଚିତ ଏବଂ ମହିଳା ଏଥିରେ ସର୍ବାଧିକ ପ୍ରଭାବିତ। ଭୂତଳ ଜଳ ଭଣ୍ଡାର ହ୍ରାସ ଭାରତ, ଚୀନ, ପାକିସ୍ତାନ, ନେପାଳ, ବାଂଗ୍ଲାଦେଶ ଭଳି ଦେଶ ପାଇଁ ବଡ଼ ସମସ୍ୟା ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ। ଏସବୁ ଉତ୍କଟ ସମସ୍ୟା ଆଗାମୀ ଦିନରେ ଭୟଙ୍କର ରୂପ ନେବ। ବର୍ତ୍ତମାନ ଖରାର ତାତି ଦିନକୁ ଦିନ ବଢ଼ିଲାଣି। ଆଗକୁ ଭୟାବହ ଖରାର ପ୍ରକୋପ ସମୟ ଆସୁଛି। ଉପକୂଳ ଓଡ଼ିଶା ଠାରୁ ଆରମ୍ଭ କରି ରାଜ୍ୟର ପଶ୍ଚିମାଞ୍ଚଳ, ଦକ୍ଷିଣର ପାହାଡ଼ିଆ ଇଲାକା ପର୍ଯ୍ୟନ୍ତ ସବୁଠି ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହୋଇଥାନ୍ତି । ଖରାର ତାତି ଯେତିକି ବଢୁଛି, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ କଷ୍ଟ ସେତିକି ଉତ୍କଟ ହେବାରେ ଲାଗିଥାଏ। ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡ଼େ। କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ସରକାରୀ ରେକର୍ଡ଼ ଅନୁଯାୟୀ ଗ୍ରାମାଞ୍ଚଳର ନଳକୂପ, ଷ୍ଟାଣ୍ଡପୋଷ୍ଟ ସମେତ ପ୍ରାୟ ୩ଲକ୍ଷ ୧୨ ହଜାର ୨୮୧ଟି ୱାଟର ସ୍ପଟ ରହିଛି । ସେଥିରୁ ଏବେ ବହୁ ସଂଖ୍ୟକ ଅଚଳ, ବ୍ୟବହାର ଅନୁପଯୋଗୀ । କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ । ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ । ପାଇପ୍ ଖୋଲିଲେ ପାଣି ବଦଳରେ ସଁ ସଁ ହୋଇ ପବନ ବାହାରୁଛି । ବହୁ ସଂଖ୍ୟକ ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ କୂଅ ଗୁଡ଼ିକ ଶୁଖିଯିବା ଫଳରେ ସମସ୍ୟା ଦେଖାଦେଉଛି । ପାନୀୟ ଜଳର ଏ ଉତ୍କଟ ସମସ୍ୟା ଭିତରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଲୁଚି ଯାଉଛି । କିନ୍ତୁ ପାନୀୟ ଜଳ ସମସ୍ୟା ଠାରୁ ବିଶୁଦ୍ଧ ଜଳ ପାନୀୟ ଜଳ ସମସ୍ୟା ଅଧିକ ଗୁରୁତର, ଯାହାଫଳରେ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି । ଆମ ଓଡ଼ିଶାର କିଛି ସ୍ଥାନରେ ଜଳାଭାବ ସମସ୍ୟା ଦେଖାଗଲାଣି। ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା ସହ ପାନୀୟ ଜଳ ସମସ୍ୟାକୁ ସାଥୀରେ ନେଇ ଆସେ । ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ । ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି । ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ । ପାନୀୟ ଜଳ ସ୍ଥିତି ନେଇ ୨୦୦୧ ଏବଂ ୨୦୨୦ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନିତି ସ୍ପଷ୍ଟ ଜଣାପଡ଼େ । ଦଶବର୍ଷ ତଳେ ରାଜ୍ୟର ୩୦.୮ ପ୍ରତିଶତ ପରିବାରଙ୍କୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା । ୨୦୨୧ ବେଳକୁ ନିଜ ଘରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ ୩୫.୪ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪ ପ୍ରତିଶତ ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭ ପ୍ରତିଶତ ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ । ଖୋଦ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬ ହଜାର ୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦ ପ୍ରତିଶତ ଜନବସତି ଜଳ କ୍ଲିଷ୍ଟ । ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଦୁଃଖଦ ଚିତ୍ର ପ୍ରଦାନ କରୁଛି । ଯଦି ସାଧାରଣ ଭାବେ ପାନୀୟ ଜଳ ଯୋଗାଣର ସ୍ଥିତି ଏହା, ଗ୍ରୀଷ୍ମରେ ସମସ୍ୟା ଅଧିକ ଗୁରୁତର ହେବା ସ୍ୱାଭାବିକ । ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରୀକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ୍ୟ ଦୁର୍ଭାଗ୍ୟଜନକ ଇଙ୍ଗିତ । ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ତ୍ୱରାନ୍ୱିତ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରୀ । ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ୨୦୨୨ ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍ ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି । ପ୍ରତି ବ୍ଲକର ୧୬ଶହଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଫଳରେ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି । ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ । ସାଂପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ । ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ପ୍ରଥମ, ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇ ଯାଇଥିବା ଜଳ ଉତ୍ସ ଗୁଡ଼ିକ ବିଶୋଧୀକରଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ । ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ ୨୦୨୨ ଏବଂ ଅନ୍ୟ ଯୋଜନା ଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ । ଜଳ ସୃଷ୍ଟି ଆମ ହାତରେ ନାହିଁ, କିନ୍ତୁ ପ୍ରାକୃତିକ ସାଧନଗୁଡ଼ିକୁ ରକ୍ଷା କରିବା ଆମ କର୍ତ୍ତବ୍ୟ। ଜଳ ସଂରକ୍ଷଣ ପାଇଁ ଆବାଳବୃଦ୍ଧବନିତା ଶପଥ ନେଲେ ଏହି ସଙ୍କଟ କେତେକାଂଶରେ ଦୂର କରାଯାଇପାରେ। ସଂପ୍ରତି ସମଗ୍ର ବିଶ୍ୱରେ ଉତ୍କଟ ଜଳାଭାବ ଦେଖିବା ସହ ସେହିକ୍ରମରେ ଜଳ ପ୍ରଦୂଷଣ ଦେଖାଯାଉଛି ଇଆଡ଼େ ଅବିଚାରିତ ଭାବେ ଜଳ ନଷ୍ଟ ହେଉଥିଲେ ମଧ୍ୟ ଆମ ମାନଙ୍କ ଭିତରେ ସେତେଟା ସଚେତନ ବଢ଼ିନାହିଁ। ବ୍ୟାପକ ବୃକ୍ଷରୋପଣ ଓ ଜଳ ସୁରକ୍ଷା ପାଇଁ ଆମ ମାନଙ୍କ ଭିତରେ ସଚେତନତା ବଢ଼ିବା ଜରୁରୀ। ଆସନ୍ତୁ ପ୍ରାକୃତିକ ଜଳ ଉତ୍ସକୁ ସୁରକ୍ଷିତ ରଖିବା ସହ ଜଳ ସଂରକ୍ଷଣ ଓ ଆବଶ୍ୟକତାକୁ ଦେଖି ଜଳ ବ୍ୟବହାର ସହ ଜଳ ପ୍ରଦୂଷଣ ପାଇଁ କିପରି ଆମେମାନେ ବ୍ୟକ୍ତିଗତ ଉଦ୍ୟମରେ ବା ଗୋଷ୍ଠୀଗତ ଭାବରେ କିଛି କାର୍ଯ୍ୟକ୍ରମ ହାତକୁ ନେବା ଏହାଦ୍ୱାରା ଭଗବାନଙ୍କ ପ୍ରଦତ୍ତ ଅମୂଲ୍ୟ ଜଳ ମାନବ ଜୀବନ ପାଇଁ ଗୁରୁତ୍ୱ ପ୍ରତିପାଦିତ ହୋଇପାରନ୍ତା। ଓଡ଼ିଶାରେ କଟକ-ଭୁବନେଶ୍ୱର ପରି ଦ୍ୱୈତ ମହାନଗରୀ ଏବଂ ରାଜ୍ୟର ବିଭିନ୍ନ ବଡ଼ ବଡ଼ ସହରରେ ମଧ୍ୟ ଛୋଟବଡ଼ ଜଳାଶୟକୁ ପୋତାଯାଇ ବଡ଼ ବଡ଼ ଅଟ୍ଟାଳିକା ତିଆରି କରାଯାଉଛି। ସେପଟେ ନୂତନ ଜଳାଶୟ ଖନନ କରାଯାଉନାହିଁ। ଦିନକୁ ଦିନ ଯେଉଁପରି ଭାବେ ବିକାଶ ନାମରେ ଗଛ କଟାଯାଉଛି ସେ ତୁଳନାରେ ନୂଆ ଗଛ ଲଗାଯାଉନାହିଁ। ଓଡ଼ିଶାର ବଡ଼ନଦୀ କୁହାଯାଉଥିବା ମହାନଦୀ ସହ ଏହାର ଶାଖା ନଦୀଗୁଡ଼ିକ ମଧ୍ୟ ଦିନକୁ ଦିନ କ୍ଷୀଣ ହେବାକୁ ବସିଲାଣି। ତେଣୁ ଆଗାମୀ ଦିନରେ ଏହି ଦ୍ୱୈତନଗରୀ ଓ ଏହାର ଶାଖା ନଦୀର ଜଳ ଉପରେ ନିର୍ଭର କରୁଥିବା ଅନ୍ୟ ସହରର ବାସିନ୍ଦା ମାନଙ୍କୁ ଜଳ ଯୋଗାଣ ମଧ୍ୟ ଆଗାମୀ ସମୟରେ ପ୍ରଭାବିତ ହୋଇପାରିବ। ତେବେ ବେଙ୍ଗାଲୁରୁ ଜଳ ସଙ୍କଟ ଏକ ସତର୍କ ସୂଚନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଭୁବନେଶ୍ୱରରେ ମଧ୍ୟ ବେଙ୍ଗାଲୁରୁ ପରି ଜନସାନ୍ଦ୍ରତା ବଢୁଛି। ଛତିଶଗଡ଼ ସହିତ ପାଣି ଭାଗବଣ୍ଟା ଟ୍ରିବୁନାଲରେ ଝୁଲି ରହିଥିବାବେଳେ ଜଳ ସଙ୍କଟରୁ ବର୍ତ୍ତିବା ପାଇଁ ବର୍ଷାଜଳକୁ ଗଚ୍ଛିତ ରଖିବା ପାଇଁ ଚିନ୍ତା କରିବାର ସମୟ ପହଞ୍ଚିଛି। ସେହିପରି ଆମ ରାଜ୍ୟରେ ବର୍ଦ୍ଧିତ ଜଳ ଚାହିଦାକୁ ପୂରଣ କରିବା ଦିଗରେ ମଧ୍ୟ ଚିନ୍ତା କରିବାର ସମୟ ପହଞ୍ଚିଛି। ମହାନଦୀରେ ଏକାଧିକ ନୂଆ ବ୍ୟାରେଜ ତିଆରି ସହିତ କେନାଲ ଗୁଡ଼ିକରେ ଆନିକଟ କରି ବର୍ଷାପାଣିକୁ ଗଚ୍ଛିତ ରଖିବା ଦରକାର। ଏହା ଚାଷ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ଓ ଜଳସ୍ତରକୁ ମଧ୍ୟ ବଢ଼ାଇବ। ସେହିପରି ପୋଖରୀ ଗୁଡ଼ିକର ପୁର୍ନଉଦ୍ଧାର ଓ ନୂଆ ପୋଖରୀ ଖୋଳିବା ଦିଗରେ ଦୃଷ୍ଟି ଦିଆଯିବା ଦରକାର। ବର୍ଷାଦିନରେ ଏହି ସବୁ ଜଳାଶୟରେ ଗଚ୍ଛିତ ଜଳ ରହିଲେ ଏହା ଜଳସ୍ତରକୁ ବଢ଼ାଇବ। ସେହିପରି ମୌସୁମୀ ସମୟରେ ବର୍ଷାପାଣିକୁ ସମୁଦ୍ରକୁ ନଛାଡ଼ି ତାକୁ ବିଭିନ୍ନ ନଦୀ ଓ କେନାଲରେ ଅଟକାଇ ରଖିବା ଦିଗରେ ପଦକ୍ଷେପ ଜରୁରୀ। ସେହିଭଳି ମନଇଚ୍ଛା ପାଣି ଟ୍ୟାପ ଖୋଲି ଜଳ ନଷ୍ଟ କରିବା ଅଭ୍ୟାସରୁ ନିବୃତ୍ତ ରହିବା ଜରୁରୀ ନଚେତ ଓଡ଼ିଶାରେ ମଧ୍ୟ ବେଙ୍ଗାଲୁରୁ ପରି ଜଳସଙ୍କଟ ସମସ୍ତଙ୍କୁ ଆଉଟୁପାଉଟୁ କରିଦେବ।

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ଦୂରଭାଷ : ୯୪୩୭୨୪୨୩୧୭

# ଜଙ୍ଗଲ ସୁରକ୍ଷା - ଜୀବନ ରକ୍ଷା


ଅକ୍ଷୟ କୁମାର ରାଉତ

ଇଶ୍ୱର ଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି , ତାର ପଚଂଭୂତ ,ଜଳ ,ସ୍ଥଳ, ବାୟୁ , ପ୍ରାଣୀ ,ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି , ଶରତ ର ଶୁଭ୍ର ଶୋଭାତ ତ ହେମନ୍ତ ର କାକର , ଶୀତର ଶୀତଳତା ଓ ରିତୁରାଜ ବସନ୍ତ ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ , ଷଡ଼ରିତୁ ଲୀଳା ରେ ପ୍ରକୃତି ର ଜୟଗାନ । ପ୍ରାକୃତିକ ସୁଷମା ର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର , ତରଙ୍ଗ ଶୋଭିତ ନଦୀ ସକଳ , ଘନବନାନୀ ଆଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା , ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର , ଆମ୍ର , ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା , ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କ ର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ .ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟ ର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତି କୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷ କୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ ,ଶାଳ , ପ୍ରିୟଙ୍ଗୁ ,ଶିରିଷ , ନାଗକେଶର . ତମ୍ବୁର , ପାଟଳିକ ,ଜାମୁ ଅଶ୍ୱତଥ , ଦଧିପର୍ଣ୍ଣ , ନନ୍ଦୀବୃକ୍ଷ , ତୀଳକ ତରୁ ,ଚୂତ ,ଅଶୋକ , ଚମ୍ପକ , ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷ ରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜା କୁ ଆହୁରୀ ଋଦ୍ଧି ମନ୍ତ କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ଭେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ , ରାବଣର ଅଶୋକ ବାଟିକା , ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖ ରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତ କୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର । ଆଗକାଳେ ଯିଏ ଘର ଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି , ଗୁଆ ,କଦଳୀ , ବେଲ ,ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତ ରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷ ର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ। କିନ୍ତୁ ବର୍ତମାନ ପରିବେଷ ଅସନ୍ତୁଳନ ରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କ ର ଉଚ୍ଛିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାର ଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା
ଜୀବ ଜଗତ ସର୍ବେ ହୋଇବେ ରକ୍ଷା

*ପାରାଦ୍ୱୀପ ଗଡ଼ ,*
*କୁଜଙ୍ଗ, ଜଗତସିଂହପୁର,*
*ମୋ-୯୯୩୭୬୯୧୪୭୫.*




# ଆଚଂଳିକ ଟ୍ରକ ମାଲିକ ସଂଘର ସାଧାରଣ ସଭା ଅନୁଷ୍ଠିତ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ବାମେବାରୀ ଥାନା ଅର୍ନ୍ତଗତ ବୈିତରଣୀ ନଦୀ କୂଳ ସତୀଘାଟ ଠାରେ ରବିବାର ଦିନ ଅଚଂଳିକ ଟ୍ରକ ମାଲିକ ସଂଘର ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ରାଜେନ୍ଦ୍ର ବାରିକଙ୍କ ଆବାହକତ୍ୱରେ ସଭା ଆୟୋଜନ କରାଯାଇଥିବା ବେଳେ ସଂଘର ସଭାପତି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା । ଆଚଂଳିକ ଟ୍ରକ ମାଲିକ ସଂଘର କାଳିମାଟି ଏବଂ ଦେଓଝର ଠାରେ ଫେବୃଆରୀ ୨୬ରେ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହେବା ପରେ ଏହି ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଯୋଡା ଟ୍ରକ ମାଲିକ ସଂଘର ମେରୀରାୟ ନୀତିରେ ସାଧାରଣ ଟ୍ରକ ମାଲିକମାନେ ଗାଡି ଲୋଡିଙ୍ଗ ରୁ ବଚଂିତ ହୋଇ ନାନା ହଇରାଣ ହରକତ ହେଉ ଥିଲେ । ଫଳରେ ଯୋଡା ଟ୍ରକ ମାଲିକ ସଂଘ କୁ ବିରୋଧ କରି ଆଚଂଳିକ ଟ୍ରକ ମାଲିକ ସଂଘ ମୁଣ୍ଡ ଟେକିଥିଲା । ନୂତନ ସଂଘ ଗଠିତ ହେବା ପରେ ଏହି ସଂଘରେ ବର୍ତମାନ ସୁଦ୍ଧା ୧ହଜାର ରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ସେମାନଙ୍କ ନାମ ପଞ୍ଜିକରଣ କରି ସାରିଛନ୍ତି । ଆସନ୍ତା ମାସକ ମଧ୍ୟରେ ସମସ୍ତ ଯାନ ଗୁଡିକୁ କମ୍ପୁଟର କରଣ କରିବା ସହ ସମସ୍ତ ଖଣି ରୁ ମାଲ ପରିବହନ କରାଯିବ ବୋଲି ସଂଘର ସମ୍ପାଦକ ଶ୍ରୀ ବାରିକ ସୂଚନା ଦେଇଛନ୍ତି । ଆଚଂଳିକ ଟ୍ରକ ମାଲିକ ସଂଘ କୁ ସୁଚାର ରୂପେ ପରିଚାଳନା କରିବା ନିମନ୍ତେ ବର୍ତମାନ ୨୨ ଜଣ ସଦସ୍ୟ ଙ୍କୁ ପରିଚାଳନା କମିଟିର ସଦସ୍ୟ କରାଯାଇଛି । ସେମାନଙ୍କ ମଧ୍ୟରୁ ସଭାପତି ମନୋଜ କୁମାର ମହାନ୍ତ, ଉପ-ସଭାପତି ଅର୍ଜୁନ କୁମାର ମୁଣ୍ଡା ଓ ମୂରଲୀଧର ମହାନ୍ତ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ବାରିକ, ସହ-ସମ୍ପାଦକ ମୋନୋବୋଧ ବେହେରା, ବୁଲୁ ଚରଣ ବାରିକ, କୋଷାଧକ୍ଷ ତପନକୁମାର ସାହୁ ସେହିପରି ଉଗ୍ରେସନ ଆପଟ, କମଳାକାନ୍ତ ମହାକୁଡ, ଅନାଦି ବାରିକ, ଦିବ୍ୟଲୋଚନ ସାହୁ, ମହମ୍ମଦ ସାବାଜ ଆଲ୍ଲାମ, ମହମ୍ମଦ ଓସିଦ୍ ଆକମଲ୍ଲ, ମିଶ୍ର ମହାନ୍ତ, ପ୍ରଭାସ ପ୍ରସାଦ, ପର୍ଶୁରାମ ମହାନ୍ତ, ଗୋବିନ୍ଦ ଖିଲାର, ଜ୍ଞାନରଂଜନ ଖୁଣ୍ଟିଆ, ନନ୍ଦକିଶ୍ୱର ମହାନ୍ତ, ବସନ୍ତ କୁମାର ପଲେଇ, ସୋରଜ ବାରିକ, ରଣଜିତ କୁମାର ବେହେରା ଙ୍କୁ ଇ.ବି ମେମ୍ବର ଭାବେ କମିଟିରେ ସ୍ଥାନୀତ କରାଯାଇଛି । ଆୟୋଜିତ ସଭାରେ ଉପଦେଷ୍ଟା ମିଟିର ସଦସ୍ୟ ଭକ୍ତବନ୍ଧୁ ମହାନ୍ତ, ଜେଠୁରାମ ମହାନ୍ତ, ଗୋପୀନାଥ ଗୋପ, ଜୟନ୍ତ କଲୁମାର ବେହେରା, ମହମ୍ମଦ ମତିଉର ରହମାନ, ବିରବର ନାଏକ, ରଞ୍ଜିତ ନାଏକ, ତ୍ରୀଲୋଚନ ପଲେଇ ପ୍ରମୁଖ ଉପସ୍ଥିତ ରହି ଆଚଂଳିକ ଟ୍ରକ ମାଲିକ ସଂଘର କର୍ମକର୍ତାମାନଙ୍କୁ ସଂଘକୁ କିପରି ଭାବେ ସୁଦୃଢ କରିବା ସହ ଆଗାମୀ ଦିନରେ ଏକ ଅଗ୍ରଣୀ ଓ ସୁପ୍ରତିଷ୍ଠିତ ସଂଘ କରାଯିବ ସେ ଉଦ୍ଦେଶ୍ୟରେ ସୁଚିନ୍ତିତ ମତାମତ ଦେଇଥିଲେ । ଏହି ସାଧାରଣ ସଭାରେ ଚମ୍ପୁଆ ଉପଖଣ୍ଡ ସମେତ ପଳାଶପଙ୍ଗା ଅଚଂଳରୁ ୭ଶହରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା ।

# ଗୁରୁକୂଳ ପବ୍ଲିକ ସ୍କୁଲର ନାମ ଲେଖା ଫିସ୍ ବୃଦ୍ଧି ନେଇ ଅସନ୍ତୋଷ



ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ଠାରେ ଥିବା ଗୁରୁକୂଳ ପବ୍ଲିକ ସ୍କୁଲରେ ପୁନଃ ନାମଲେଖା ବର୍ଦ୍ଧିତ ଫିସକୁ ନେଇ ଛାତ୍ରଛାତ୍ରୀ ଅଭିଭାବକମାନଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । ପାଠ୍ୟ ଖସଡ଼ା ଅନୁଯାୟୀ ୨୦୨୩-୨୪ ଶିକ୍ଷା ବର୍ଷ ସରି ଆସିଲାଣି । ୨୦୨୪-୨୫ ବର୍ଷ ପାଇଁ ନାମଲେଖା ଆରମ୍ଭ ହୋଇଗଲାଣି । ପୁରୁଣା ପିଲାଙ୍କ ପୁନଃ ନାମଲେଖା ବି ଆରମ୍ଭ ହୋଇଯାଇଛି । ସୋମବାର ଚ଼ଳିତ ବର୍ଷ ନାମଲେଖା ଓ ପୁନଃ ନାମଲେଖା ଉପରେ ଗତବର୍ଷ ଠାରୁ ୪୦ ଶତକଡା ଅଧିକ ଅର୍ଥ ଦେବାକୁ ସ୍କୁଲ ତରଫରୁ ଆଦାୟ କରାଯାଉ ଥିବାରୁ ବିଭିନ୍ନ ଅଞ୍ଚଳର ପିଲାମାନଙ୍କ ଅଭିଭାବକ ମାନେ ସ୍କୁଲ୍ ସମ୍ମୁଖରେ ପ୍ରତିବାଦ କରି ଧାରଣାରେ ବସିଥିଲେ । ପରେ ପ୍ରଧାନ ଶିକ୍ଷକ ଧାରଣା ସ୍ଥଳକୁ ଆସି ଫିସ୍ ଉପରେ ପୁନଃ ବିଚ଼ାର କରାଯିବାର ପ୍ରତିଶ୍ରୁତି ଦେବାପରେ ଅଭିଭାବକ ମାନେ ଧାରଣା ପ୍ରତ୍ୟାହାର କରିନେଇଥିଲେ । ଏହି ଧାରଣାରେ ଅଭିଭାବକ ସୁନୀଲ କୁମାର ରାଉତ ରାୟ୍,ସ୍ନେହାଶିଷ ଦାସ,ଦିଲୀପ ଜେନା,ମାନସ ରଞ୍ଜନ ଜେନା,ରୁପେଶ ଭଦ୍ର,ଦିବାକର ବେହେରା,ପ୍ରଶାନ୍ତ ରାଉତଙ୍କ ସମେତ ଶତାଧିକ ଅଭିଭାବକ ସାମିଲ ହୋଇଥିଲେ ।

# ବେଦାନ୍ତ ଆଲୁମିନିୟମର ସଫଳତା କ୍ଷେତ୍ରରେ ଏହାର ଚମତ୍କାରି ମହିଳାଙ୍କ ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାୱାର ବ୍ୟବସାୟର ସଫଳତା କ୍ଷେତ୍ରରେ କର୍ମଚାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ୍ ସାଜିଛନ୍ତି । ସେମାନଙ୍କର ଯୋଗଦାନ କମ୍ପାନୀର ବିଭିନ୍ନ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପଡ଼ିଛି । ବେଦାନ୍ତ ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ପଦ କମ୍ପାନୀ ଏବଂ ଭାରତର ବୃହତମ କମ୍ପାନୀ ଭାବେ ବେଶ୍ ପରିଚିତି ହାସଲ କରି ପାରିଛି । ବେଦାନ୍ତର ଆଲୁମିନିୟମ ଏବଂ ପାୱାର ବ୍ୟବସାୟ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଏବଂ ଘରୋଇ କ୍ଷେତ୍ରରେ ବୃହତମ ପାୱାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନଗୁଡିକ ଏରୋସ୍ପେସ୍ ଠାରୁ ଆରମ୍ଭ କରି ବିଦ୍ୟୁତିକରଣ ଆଦି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଗ୍ରଣୀ କରିପାରିଛି । କମ୍ପାନୀର ବଜାର, ଗ୍ରାହକ ଏବଂ ବ୍ୟବସାୟ ବହୁବିଧ ତଥା ସଂଯୁକ୍ତ । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ, ବିଭିନ୍ନ ଦୃଷ୍ଟିକୋଣ, ଅଭିଜ୍ଞତା, ଦକ୍ଷତା ଏବଂ ଶିକ୍ଷା କ୍ଷେତ୍ରରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଯାହାଦ୍ୱାରା କମ୍ପାନୀର ବ୍ୟବସାୟିକ ରଣନୀତି ବେଶ୍ ସଶକ୍ତ ହୋଇପାରିଛି । ସାଧାରଣତଃ ଉତ୍ପାଦନ ଏବଂ ଭାରି ଇନିୟରିଂ ସେଗମେଂଟ୍‌ରେ ମହିଳାଙ୍କ ନିଯୁକ୍ତି ସଂଖ୍ୟା କମ୍ ରହିଛି । ଧାତୁ ଏବଂ ଖଣି କ୍ଷେତ୍ରରେ ଏଭଳି ସମସ୍ୟା ଅଧିକ । ଏପରିସ୍ଥଳେ ବେଦାନ୍ତର ଆଲୁମିନିୟମ୍ ଏବଂ ପାୱାର ବ୍ୟବସାୟରେ ବହୁ ଉଚ୍ଚଶିକ୍ଷିତ ମହିଳା ଧାତୁ ଉତ୍ପାଦନ, ପରିବହନ, ସିଭିଲ୍ ୱାର୍କ ଏବଂ ରେଳ ଭିତିଭୂମି ଠାରୁ ଆରମ୍ଭ କରି ଅର୍ଥ, ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ କ୍ରୟ କ୍ଷେତ୍ରରେ ବହୁ ସଂଖ୍ୟାରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଓଡିଶାରେ ବେଦାନ୍ତର ପ୍ଲାଂଟ୍‌ରେ ଏକ ମହିଳା-ଅଗ୍ନିଶମ ଦଳ କାର୍ଯ୍ୟ କରୁଛନ୍ତି । ମହିଳାମାନଙ୍କ ପାଇଁ ଏକ ଅଣପାରମ୍ପରିକ କ୍ଷେତ୍ର ଭାବେ ବିବେଚନା କରାଯାଉଥିବା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଆଖି ଦୃଶିଆ ରହିଛି ଏବଂ ଦେଶର କେତେକ ଦୁର୍ଗମ ଅଂଚଳରେ ଉଚ୍ଚ ପ୍ରଶିକ୍ଷିତ ମହିଳା କର୍ମଚାରୀ ବେଶ୍ ସଫଳ ହୋଇପାରିଛନ୍ତି । ଏହି ପ୍ରସଙ୍ଗରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀଙ୍କ ପ୍ରତ୍ୟେକ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥାଏ । କମ୍ପାନୀ ପାରମ୍ପରିକ ଲିଙ୍ଗ ଭେଦକୁ ସ୍ୱୀକାର କରି ନ ଥାଏ । କମ୍ପାନୀର ଅପରେଶନ୍ ଏବଂ ରକ୍ଷଣାବେକ୍ଷଣ, ସୁରକ୍ଷା, ଆର୍ ଆଣ୍ଡ୍ ଡି ମାର୍କେଟିଂ, ଫାଇନାନ୍ସ ଏବଂ ମାନବ ସମ୍ବଳ, ଜନସମ୍ପର୍କ, କ୍ରେନ୍ ଏବଂ ସ୍ମେଲଟର ପଟ୍ ଟେଣ୍ଡିଂ ମେସିନ୍ ଅପରେଟିଂ ଆଦି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି । ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଭାବେ ବେଦାନ୍ତ ଯୋଗ୍ୟତା, ଉତ୍କର୍ଷତା, ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସର୍ବୋପରି ଏକ ଅଭିନବ ମନୋଭାବ ତଥା ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରିଥାଏ ।

କମ୍ପାନୀର ଆଭିମୁଖ୍ୟକୁ ନିମ୍ନରେ ବର୍ଣ୍ଣନା କରାଯାଇଛି:

+ ମହିଳାମାନଙ୍କୁ କମ୍ପାନୀର ଅନ୍ୟ ସମସ୍ତ କର୍ମଚାରୀଙ୍କ ପରି, ସେମାନଙ୍କର ମନୋଭାବ ଏବଂ ଶିଖିବାର ଇଚ୍ଛା, ଶିକ୍ଷାଗତ ଏବଂ ବୈଷୟିକ ଯୋଗ୍ୟତା ଆଧାରରେ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଏହା ପରେ ସେମାନଙ୍କୁ ବିଶ୍ୱସ୍ତରୀୟ ବିଶେଷଜ୍ଞ ମାନଙ୍କ ମାଧ୍ୟମରେ ସର୍ବୋତମ ତାଲିମ ଯୋଗାଇ ଦିଆଯାଇଥାଏ । ଯାହାଦ୍ୱାରା ସେମାନେ ବିଭିନ୍ନ ପର୍ଯ୍ୟାୟରେ ପରିକଳ୍ପିତ ଇକୋସିଷ୍ଟମ୍‌ରେ ସଫଳ ହେବାର ସମ୍ଭବନା ଅଧିକ ରହିଥାଏ ।

+ ତୃତୀୟତଃ, ବେଦାନ୍ତରେ ନିଯୁକ୍ତ କର୍ମଚାରୀଙ୍କୁ ଚାକିରିର ନିଯୁକ୍ତି ସମ୍ପର୍କିତ କାର୍ଯ୍ୟଶୈଳୀର ବିଷୟବସ୍ତୁ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ । ଯାହାକି କମ୍ପାନୀର ଗୁପ୍ତ ପରିକଳ୍ପନା ପରି ମନେହୁଏ । ବାସ୍ତବରେ ଏହା କର୍ମଚାରୀଙ୍କୁ ଆକର୍ଷିତ କରିଥାଏ ଏବଂ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ସହାୟତା ଉପଲବ୍ଧ ହୋଇ ପାରିଥାଏ । ସଶକ୍ତିକରଣ ପାଇଁ ଭୂମିକା ପରିକଳ୍ପନା କରାଯାଇଥାଏ । ଏହା ସହିତ ସମ୍ପ୍ରତି ଆଲୁମିନିୟମ୍ ବ୍ୟବସାୟ ଏକ ଉଲ୍ଲେଖନୀୟ ମୋଡ଼ ଦେଇ ଗତି କରୁଛି । ତେଣୁ ଏହି କ୍ଷେତ୍ରରେ ବହୁ ନୂତନତ୍ୱ, କାର୍ଯ୍ୟଶୈଳୀର ନୂତନ ଉପାୟ, ପ୍ରକୃତ ବିବିଧତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ଷେତ୍ର ପାଇଁ ବିପୁଳ ସୁଯୋଗ ରହିଛି । ଯାହାକି ବହୁ ଅଜଣା ବିଷୟରେ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ କାର୍ଯ୍ୟଶୈଳୀ ସମ୍ପର୍କରେ ଅବଗତ କରାଇଥାଏ । ଯେହେତୁ କମ୍ପାନୀ କ୍ରମାଗତ ଭାବରେ ବିକାଶ ଧାରା ଜାରି ରଖିଛି, ତେଣୁ ନୂତନ ଉତ୍ପାଦର ବିକାଶ ଏବଂ ଏହାର କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରଣ ସହିତ ବେଦାନ୍ତର କାର୍ଯ୍ୟ-ସଂସ୍କୃତିରେ ଷ୍ଟାର୍ଟ ଅପ୍ ର ଉତ୍ସାହ ଏବଂ ବୃହତ ବିଶ୍ୱସ୍ତରୀୟ ସଂଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ ଧାରା ଜାରି ରହିଛି । କମ୍ପାନୀର ଉତ୍ପାଦନ କାରଖାନା ଓଡିଶା ଏବଂ ଛତିଶଗଡ ଆଭ୍ୟନ୍ତରୀଣ ଅଂଚଳରେ ରହିଛି । ସେଠାରେ କାର୍ଯ୍ୟ କରୁଥିବା ମହିଳାମାନେ ଦକ୍ଷ, ଉଚ୍ଚାଭିଳାଷୀ ଏବଂ ସୁପରିଚାଳିତ । ସେମାନେ ମୁଖ୍ୟ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି । ସେମାନଙ୍କ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ବେଦାନ୍ତ ଗର୍ବିତ । ସିଭିଲ୍ ପ୍ରୋଜେକ୍ଟଗୁଡିକର ପରିଚାଳନାରେ ୧୪ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜ୍ୟୋତି ଆର. କ୍ରିଷ୍ଣା ଓଡିଶାର ଝାରସୁଗୁଡାସ୍ଥିତ ବେଦାନ୍ତର ଆଲୁମିନିୟମ୍ କମ୍ପ୍ଲେକ୍ସରେ ସିଭିଲ୍ ୱାର୍କ ଇନଫ୍ରାଷ୍ଟ୍ରକଚର ଏବଂ ରେଳ ପ୍ରକଳ୍ପରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ଜ୍ୟୋତିଙ୍କ ଦୃଢ଼ ବିଶ୍ୱାସ ଯେ, ବେଦାନ୍ତର ବ୍ୟବସାୟରେ ପରିଚାଳନା ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । କମ୍ପାନୀ ଆଲୁମିନିୟମ ଉତ୍ପାଦନ କରିଥାଏ ଯାହାକି ଭାରତର ଆତ୍ମନିର୍ଭରଶୀଳତା ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେ ଏବଂ ତାଙ୍କ ସହକର୍ମୀ ଦେଶ ସେବା ଲକ୍ଷ୍ୟ ନେଇ କାର୍ଯ୍ୟ କରିଥାନ୍ତି । ଯାହାଦ୍ୱାରା ଦେଶରେ ଯେଉଁଳି ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ କଂଚାମାଲର ଅଭାବ ପରିଲକ୍ଷିତ ହେବ ନାହିଁ । ଏହି ମିଶନ୍ ଲକ୍ଷ୍ୟ ବ୍ୟକ୍ତିଗତ ତଥା ଜଣେ ପେଶାଦାର କର୍ମଚାରୀ ଭାବେ ତାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହନ୍ତି । ବେଦାନ୍ତର ଝାରସୁଗୁଡା ପ୍ଲାଂଟ୍ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଅନ୍ୟତମ । ଏଠାରେ ଭାରତରେ ଉତ୍ପାଦିତ ହେଉଥିବା ଏକ ତୃତୀୟାଂଶରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଥାଏ । ବେଦାନ୍ତର ଆଲୁମିନିୟମ ବ୍ୟବସାୟର କୋଇଲା କ୍ରୟ ଏବଂ ଚୁକ୍ତିନାମା ମୁଖ୍ୟ ବସୁଧା ସିଙ୍ଘଲ, ଇଲେକ୍ଟ୍ରୋନିକ୍ସ ଇନଷ୍ଟ୍ରୁମେଂଟସନ୍ ଆଣ୍ଡ କଂଟ୍ରୋଲରେ ଇନିୟରିଂ ଡିଗ୍ରୀ ସମାପ୍ତ କରିବା ପରେ, ବହୁ ଉତ୍ପାଦନକାରୀ କମ୍ପାନୀର କ୍ୟାମ୍ପସ ପ୍ଲେସମେଂଟ ପରୀକ୍ଷା ଏବଂ ସାକ୍ଷାତକାରରେ ଯୋଗଦେଇଥିଲେ । ତେବେ ସେସବୁ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସମ୍ପୃକ୍ତ କମ୍ପାନୀ ବସୁଧାଙ୍କୁ ମନା କରିଦେଇଥିଲେ । କେବଳ ବେଦାନ୍ତ ଆଲୁମିନିୟମ ଏବଂ ପାୱାର ତାଙ୍କୁ ପ୍ଲେସମେଂଟ୍ ପ୍ରକ୍ରିୟା ଦେଇ ଯିବାକୁ ଉତ୍ସାହିତ କରିଥିଲେ । ତାଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରି ବେଦାନ୍ତ ପକ୍ଷରୁ ବସୁଧାଙ୍କୁ ରକ୍ଷଣାବେକ୍ଷଣ ଇନିୟର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ଉତ୍ପାଦନ ପ୍ରକ୍ରିୟାର ବିଭିନ୍ନ ଦିଗ ଜାଣିବା ପାଇଁ ବସୁଧାଙ୍କ ଆଗ୍ରହ ଯୋଗୁ ପରବର୍ତୀ ସମୟରେ ତାଙ୍କୁ ନିରାପତା ବିଭାଗରେ ନିଯୁକ୍ତି ମିଳିଥିଲା । ସୁରକ୍ଷା ହେଉଛି ବେଦାନ୍ତର ଶୀର୍ଷ ପ୍ରାଥମିକତା । ବସୁଧା ସଂଗଠନର ସୁରକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଥିଲେ । ବେଦାନ୍ତର ଝାରସୁଗୁଡା ପ୍ଲାଂଟର ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅନସୀ କୁଜୁର ତାଙ୍କ କାର୍ଯ୍ୟ କାଳରେ ସମ୍ମୁଖୀନ ହେଉଥିବା ଏକାଧିକ ଆହ୍ୱାନର ମୁକାବିଲା ପଛଘୁଂଚା ନ ଦେଇ ସାହସର ସହିତ ସମ୍ପନ୍ନ କରିଛନ୍ତି । ଅପରାଧୀ, ସାମଗ୍ରୀ ଚୋରି ଉଦ୍ୟମ, ଅସ୍ତ୍ରଶସ୍ତ୍ରଧାରୀ ଅନୁପ୍ରବେଶକାରୀଙ୍କ ସଫଳ ମୁକାବିଲା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଶାନ୍ତ, ନିର୍ଭୟ ଏବଂ ବୁଦ୍ଧିମତା ଦ୍ୱାରା ସମାଧାନ କରିବାରେ ସଫଳତା ହାସଲ କରିଛନ୍ତି । ସେ ସର୍ବଦା ହସହସ ମୁହଁରେ ପ୍ରତିଟି କାର୍ଯ୍ୟ କରିଥାନ୍ତି । ବେଦାନ୍ତ ବିଶ୍ୱାସ କରେ ଯେ, କମ୍ପାନୀର ମହିଳା କର୍ମଚାରୀମାନେ ବୃତିଗତ ଭାବେ ଯୋଗ୍ୟ ଏବଂ ସେମାନଙ୍କ ଭୂମିକା ବେଶ୍ ଅଭିଜ୍ଞ । ଏହା ସହିତ ସେମାନଙ୍କର ବିଭିନ୍ନ ଦୃଷ୍ଟିକୋଣ, ବୈଷୟିକ ଦକ୍ଷତା, ସହାନୁଭୂତି, କରୁଣା ଏବଂ ସଜାଗ ଏକନିଷ୍ଠ ଭାବ ଶିଳ୍ପକ୍ଷେତ୍ରର କାର୍ଯ୍ୟଶୈଳୀରେ ଏକ ନୂତନତ୍ୱ ଆଣିଥାଏ । ସେମାନଙ୍କଠାରେ ପାରମ୍ପରିକ ପୁରୁଷ ପ୍ରାଧାନ୍ୟ ଶିଳ୍ପରେ କାର୍ଯ୍ୟ କରିବାର ଉତ୍ସାହ ରହିଛି । ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ମୁଖ୍ୟ ଶିଳ୍ପ କ୍ଷେତ୍ରରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଏବେ ସମୟ ଆସିଛି, ଯାହାକି ମହିଳା କର୍ମଚାରୀଙ୍କ ପ୍ରତିଭା ତଥା ସୃଜନଶୀଳ ଯୋଗ୍ୟତା ଆଧାରରେ ସେମାନଙ୍କୁ ଏସବୁ କ୍ଷେତ୍ରରେ ନିଯୁକ୍ତି ଯୋଗାଇ ଦିଆଯିବାର ପ୍ରୟାସ କରାଯିବା ଆବଶ୍ୟକ ।

2024-2025



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ମୋ ଓଡ଼ିଶା

## ଯକୃତର ଯତ୍ନ

ଯକୃତ ବା ଲିଭର ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି। ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ। ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ। ଯକୃତ ଖରାପ ହୋଇଗଲେ ପ୍ରତିରୋପଣ ବ୍ୟତୀତ ଅନ୍ୟ ଉପାୟ ନାହିଁ। ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି।

**ଭାଇରାଲ ହେପାଟାଇଟିସ୍ :** ଏହା ଏ, ବି, ସି, ଡି ଏବଂ ଇ - ପାଞ୍ଚ ପ୍ରକାରର। ଏ ଏବଂ ଇ ଦୂଷିତ ପାଣି ତଥା ଖାଦ୍ୟ ଯୋଗୁ ହେଉଥିବା ବେଳେ ଏହାକୁ ସାଧାରଣ ଭାଷାରେ ଜଣ୍ଡିସ୍ ବା ହଳଦିଆ କାମଳ ବୋଲି କୁହାଯାଏ। ଏହାର ଲକ୍ଷଣ ପ୍ରାୟ ୨ରୁ ୪ ସପ୍ତାହ ଜାରି ରହେ। ରୋଗୀଙ୍କୁ ବାନ୍ତି ଏବଂ ଜ୍ୱର ହୁଏ। ତେବେ ସ୍ପଷ୍ଟ ଲକ୍ଷଣ ଜଣାପଡ଼ିବା ପରେ ରୋଗୀ ତୁରନ୍ତ ଚିକିତ୍ସା ପାଇଁ ପହଞ୍ଚିଥାନ୍ତି। ତେଣୁ ଯକୃତ ଖରାପ ହେବା ଘଟଣା କମ୍ ହୋଇଥାଏ। ଯକୃତ ଖରାପ ହେବାର ଅଳ୍ପଦିନ ପୂର୍ବରୁ ରୋଗୀର ମାନସିକ ସ୍ଥିତି ବିଗିଡ଼ିବାରେ ଲାଗେ। ବି ଏବଂ ସି ଭାଇରାଲ ଇନ୍‌ଫେକ୍‌ସନ ଯୋଗୁଁ ହୋଇଥାଏ। ସଂକ୍ରମଣର ପ୍ରାୟ ଦେଢ଼ରୁ ଦୁଇମାସ ପରେ ଏହାର ଲକ୍ଷଣ ପ୍ରକାଶ ପାଏ। ଯେଉଁ କ୍ଷେତ୍ରରେ ଛଅମାସ ମଧ୍ୟରେ ଲକ୍ଷର ପ୍ରକାଶ ପାଏ ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା କରାଯାଇପାରେ। ତେବେ ଲକ୍ଷଣ ପ୍ରକାଶ ପାଇବା ଛ'ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୁରା ସୁସ୍ଥ ହେବାର ଆଶା କ୍ଷୀଣ ରହେ। ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି। ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ। ଏହାର ଯେଉଁ ଲକ୍ଷଣ ପ୍ରକାଶ ପାଏ, ସେଗୁଡ଼ିକ ମୁଖ୍ୟତଃ ହେଲା ଭୋକ ନହେବା, ଓଜନ କମିବା, ଜଣ୍ଡିସ୍, ଜ୍ୱର, ଦୁର୍ବଳ ଲାଗିବା, ବାନ୍ତି, ପେଟରେ ପାଣି ଜମିଯିବା, ରକ୍ତବାନ୍ତି ହେବା, ଦେହର ରଙ୍ଗ କଳା ପଡ଼ିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା ଇତ୍ୟାଦି। ଏହା ଯକୃତକୁ ଟାଣ କରି ସଙ୍କୁଚିତ କରିଦିଏ। ଠିକ୍ ସମୟରେ ଚିକିତ୍ସା ସେବା ନପାଇଲେ ଧୀରେ ଧୀରେ ଲିଭର ଟ୍ୟୁମରରେ ପରିବର୍ତ୍ତିତ ହୋଇଯାଏ।

ମୁଖ୍ୟତଃ ଆଲ୍‌କୋହଲ ସଂକ୍ରମିତ ଛୁଞ୍ଚି, ରକ୍ତ ସର୍ଜରୀ ଉପକରଣ ତଥା ଅସୁରକ୍ଷିତ ଶାରୀରିକ ସମ୍ପର୍କ ଯୋଗୁଁ ଏବଂ ସଂକ୍ରମିତ ମା'ଠାରୁ ଶିଶୁକୁ ଏହି ରୋଗ ହୋଇଥାଏ। ଜଣ୍ଡିସ୍ ତଥା ଡେଙ୍ଗୁ ମଧ୍ୟ ବହୁବାର ହେପାଟାଇଟିସ୍‌ର କାରଣ ହୋଇଥାଏ। ଏହା ବ୍ୟତୀତ ଟିବି, ଅପସ୍ମାରର ଔଷଧ, ଆୟୁର୍ବେଦିକ ତଥା ହର୍ବାଲ ଔଷଧରୁ ମଧ୍ୟ ଏହି ରୋଗ ହୋଇପାରେ। ଅତ୍ୟଧିକ ମଦ୍ୟପାନ ଦ୍ୱାରା ଯକୃତ କ୍ଷତିଗ୍ରସ୍ତ ହୋଇଥାଏ। ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଯକୃତ ସଙ୍କୁଚିତ ହେବାକୁ ଲାଗେ ଯେଉଁଥିରେ ଛୋଟ-ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ। ଏହା ଲିଭର ସିରୋସିସ୍। ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ। ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ଏକ୍ସରସାଇଜ୍ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ। ଏହି ଘଟଣା ପାଇଁ ମୋଟାପା ୭୦ ପ୍ରତିଶତ ଦାୟୀ। ତେବେ ଏହାର ଆଉ କେତେକ କାରଣ ବି ଦେଖାଗଲାଣି। ଅନ୍ତନଳୀର ବ୍ୟାକ୍ଟେରିଆ ବି ଫ୍ୟାଟି ଲିଭରର କାରଣ ହୋଇଥାନ୍ତି। ଏହା ପତଳା ଲୋକଙ୍କ ଠାରେ ମଧ ହୋଇପାରେ। ଅଧିକ ଚର୍ବି ଯୋଗୁ ଯକୃତ ସଂଙ୍କୁଚିତ ହୋଇଯାଏ ଏବଂ ଠିକ୍ ସମୟରେ ଚିକିତ୍ସା ନମିଳିଲେ ସିରୋସିସ୍‌ର ଆଶଙ୍କା ଦେଖାଯାଏ। ଯକୃତର ଆଉ ଏକ ସମସ୍ୟା ପ୍ରାୟତଃ ମହିଳାଙ୍କ ଠାରେ ଦେଖାଯାଏ। ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ। ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ। ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ। ୬୦-୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ। ଏହା ଯକୃତର କ୍ଷମତା ଜଣାଇଥାଏ। ଫ୍ୟାଟି ଲିଭର ପାଇଁ ଅଲଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ। ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି। ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ। ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ। ହେପାଟାଇଟିସ୍ ବି ଟୀକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ। ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ କୁହାଯାଉଥିବା ଯକୃତର ଯତ୍‌ପରନାସ୍ତି ସୁରକ୍ଷା ପାଇଁ ଆଜିର ଦିନରେ ଶପଥ ନିଅନ୍ତୁ। ଦେଖିବେ ଆପଣ ଏକ ଦିବ୍ୟ ଜୀବନ ଅତିବାହିତ ପାଇଁ ମାର୍ଗ ପାଇପାରିବେ।

## ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି



ଭୁବନେଶ୍ୱର (ପିଏନ୍): ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ ଓ ରାଷ୍ଟ୍ରନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୫ ତମ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ। ଅତିଥି ଭାବେ ଯୋଗଦେଇ ନବନିର୍ବାଚିତ କର୍ପୋରେଟର ପ୍ରଭାସିନୀ ମହାନ୍ତି, ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ପ୍ରବାଦପୁରୁଷଙ୍କର ଗୁଣଗାନ କରିଥିଲେ। ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ପ୍ରଭାତି ମହାନ୍ତି, ବରୁଣ ସାହୁ, ବିଶ୍ୱଜିତ ବେହେରା ଓ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଶେଷରେ ଯୁବ ସଙ୍ଗଠକ ସଂଜୟ କୁମାର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ୧୯୮୨ ବ୍ୟାଚ ପିକ୍‌ନିକ୍ ସୋମନାଥ ବିଦ୍ୟାପୀଠ, ଜାହାନପୁର



କଟକ (ପିଏନ୍): ୧୯୮୨ ବ୍ୟାଚ ପିକନିକ ସୋମନାଥ ବିଦ୍ୟାପୀଠ, ଜାହାନପୁରର ବିଷ୍ଣୁପ୍ରିୟା କମ୍ପ୍ଲେକ୍ସ ଠାରେ ଧୂମଧାମ ସହିତ ପାଳିତ ହୋଇଯାଇଛି। ଏହି ସମାରୋହରେ ଦୂର ଦୂରାନ୍ତରେ ଥିବା ପୂର୍ବତନ ଛାତ୍ରଛାତ୍ରୀ ଉତ୍ସାହର ସହ ସାମିଲ ହୋଇଥିବା ପରିଲକ୍ଷିତ କରାଯାଇଥିଲା। ସ୍କୁଲର ବରିଷ୍ଠ ଶିକ୍ଷକ ଶଶୀଭୂଷଣ ନନ୍ଦଙ୍କ ସ୍ମୃତିଚାରଣ କରାଯାଇ ସଭା କାର୍ଯ୍ୟର ଆୟୋଜନ କରାଯାଇଥିଲା। ଅମୀୟ ସ୍ୱାଇଁ, ସ୍ୱାଗତ ଭାଷଣ ସହ ସଭା କାର୍ଯ୍ୟର ଆରମ୍ଭ କରିଥିଲେ। ସହଦେବ ସେଠୀ ଜଗନ୍ନାଥଙ୍କ ଜଣାଣ ଗାଇ ବାତାବରଣ ଭକ୍ତିମୟ କରିଦେଇଥିଲେ। ପ୍ରତିମା ନନ୍ଦ, ପ୍ରମୋଦ ନାୟକ, ସିଂହଭୂମର ସମ୍ପାଦକ, ସ୍ତମ୍ଭକାର ଲେଖକ ବାଦଲ ଭୂୟାଁ ପ୍ରମୁଖ ସ୍କୁଲ ଜୀବନର ସ୍ମୃତିଚାରଣ କରି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗତବର୍ଷର ହିସାବ କିତାବ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ପୁଷ୍ପାଞ୍ଜଳୀ ରଥ, ଯାଜ୍ଞସେନୀ ରାଉତ, କଳ୍ପନା ଜେନା, ଜ୍ଞାନ ରାୟ, ନନ୍ଦ ସାହୁ, ଅଶୋକ ସେଠୀ, ରାମ ଖଟୁଆ, ପ୍ରମୋଦ ଜେନା ପ୍ରମୁଖ ବିଚାର ରଖିଥିଲେ। ସଚଳା ଜେନା, ଜ୍ୟୋତ୍ସ୍ନା ଜେନା, ଚିତ୍ତ ମୁଦୁଲି, ନୀର ଭୋଇ, ଜଗଜୀବନ ରାୟ, ପ୍ରମୋଦ ପାଇଟାଳ, ସ୍ନେହଶୀଳା ରଥ, ଭଗତ ସାହୁ, ନୃସିଂହ ନନ୍ଦ, ଅକ୍ଷୟ ଦାସ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

## ଡଃ ପ୍ରକାଶଙ୍କୁ ଓଡିଆ ସଂସ୍କୃତି ପୁରୁଷ ସମ୍ମାନ ପ୍ରଦାନ



ଭୁବନେଶ୍ୱର (ପିଏନ୍): ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଉନ୍ନତି ଓ ପ୍ରଚାର ପ୍ରସାର କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଆ ନବବର୍ଷପାଳନ ଅବସରରେ ରାଜ୍ୟର ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରୀ ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ "ଓଡିଆ ସଂସ୍କୃତି ପୁରୁଷ" ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ଓଡିଶା ନାଗରିକ ମହାମଞ୍ଚ ତଥା ଓଡିଆ ସଂସ୍କୃତି ଓ ପରମ୍ପରାର ଜାଗ୍ରତ ପ୍ରହରୀ ନମାମି ମନ୍ଦାକିନୀ ଅନୁଷ୍ଠାନ ତରଫରୁ ରବିନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ହଟ୍ଟନାଥ ମଙ୍ଗରାଜ, ପୂର୍ବତନ ମନ୍ତ୍ରୀ ଡଃ ଦାମୋଦର ରାଉତ, ଶ୍ରୀ ବିଜୟ ମହାପାତ୍ର, ବରିଷ୍ଠ ବିଧାୟକ ଶ୍ରୀ ପ୍ରଫୁଲ୍ଲ ସାମଲ, ସାରସ୍ୱତ ସାଧକ ଜିତେନ୍ଦ୍ର ନାରାୟଣ ଦାସ, ଲୋକସଭା ଆୟୋଗ ସଦସ୍ୟ ସାହିତ୍ୟିକ ନିରଞ୍ଜନ ସାହୁ, ପ୍ରଫେସର କୈଳାଶ ଚନ୍ଦ୍ର ଟିକାୟତ୍, ବରିଷ୍ଠ ପ୍ରଜ୍ଞାଚାର୍ଯ୍ୟ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବିଶିଷ୍ଟ ସ୍ତମ୍ଭକାର ତଥା ଶିଶୁ ସାହିତ୍ୟିକ ଦାସ ବେନୁହୁର ପ୍ରମୁଖଙ୍କ ସଦୟ ଉପସ୍ଥିତିରେ ଡଃ ପ୍ରକାଶଙ୍କୁ ଉପଢୌକନ, ସ୍ମୃତିଫଳକ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଥାଉକି, ଯୁବଗୋଷ୍ଠୀଙ୍କୁ ଏକାଠି କରିବା ତଥା ସେମାନଙ୍କୁ କୁସଙ୍ଗ ଓ ଅନ୍ୟାନ୍ୟ ଅହିତକର ସାମାଜିକ କାର୍ଯ୍ୟକଳାପରୁ ଦୂରେଇ ରଖି ଗଠନ ମୂଳକ କାର୍ଯ୍ୟକ୍ରମରେ ନିୟୋଜିତ କରିବା ଲକ୍ଷ୍ୟରେ ୧୯୯୪ ମସିହାରେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରି ସାଂସ୍କୃତିକ ଜାଗରଣ ଓ ସେବାକାର୍ଯ୍ୟ କରିବା ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଗଠନ ତଥା କାର୍ଯ୍ୟକ୍ରମକୁ ଉତ୍ସାହ ପ୍ରଦାନ କରି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇ ଅସୁଛନ୍ତି। ଦୀର୍ଘ ୨୭ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ନିରବଚ୍ଛିନ୍ନ ଭାବେ ଦୁଇଟି ଅହୋରାତ୍ର ସାମାଜିକ ନାଟକ ପରିବେଷଣ କରି ଏକ ନିଆରା ପରମ୍ପରା ସୃଷ୍ଟି କରିପାରିଛନ୍ତି। ଡଃ ପ୍ରକାଶ ଡି.ଏ.ଭି ଅନୁଷ୍ଠାନ ସହ ମଧ ସେହି ସମୟରୁ ଜଡିତ ରହି ଡି.ଏ.ଭି ଚନ୍ଦ୍ରଶେଖରପୁରଠାରେ ୨୩ ବର୍ଷ କାର୍ଯ୍ୟକରି ସମ୍ପ୍ରତି ଡି.ଏ.ଭି କଳିଙ୍ଗ ନଗରଠାରେ ବରିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସମ୍ବର୍ଦ୍ଧନାର ଉତ୍ତରରେ ଡଃ ପ୍ରକାଶ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ବଞ୍ଚିରହିଲେ ଜାତିର ଉନ୍ନତିରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଏହାର ଶ୍ରେୟ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ପ୍ରଦାନ କରିବା ସହ ଏତେ ଦୀର୍ଘ ସମୟ ଧରି ସାଙ୍ଗରେ ରହିଥିବାରୁ ଧନ୍ୟବାଦ ଦେଇଥିଲେ। ଏହିପରି କାର୍ଯ୍ୟକ୍ରମ ଆଗକୁ ମଧ ଚାଲୁରହିବ ବୋଲି ମତବ୍ୟକ୍ତ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଡଃ ପ୍ରକାଶ ତଥା ଅନୁଷ୍ଠାନର ଏହି ସଫଳତା ଓ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି।

## ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ



ଖୋର୍ଦ୍ଧା (ପିଏନ୍): ଏ ସଂସାରରେ ନେତାମାନେ ହେଲେ ସବୁଠାରୁ ବଡ଼ ନାଟୁଆ। ସେମାନଙ୍କ ଅଭିନୟ ଅସଲ ଅଭିନେତାଙ୍କଠାରୁ ବଳିଯାଏ। ନିର୍ବାଚନ ପୂର୍ବରୁ ଗୋଟେ ରଙ୍ଗ, ପରେ ଆଉ ଗୋଟେ ରଙ୍ଗ। ସେମାନେ ହେଲେ ରଙ୍ଗ ବଦଳାଉଥିବା ଏଣ୍ଡୁଅ। ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ପାଳିତ ହୋଇଥିବା ବିଶ୍ୱ ନାଟ୍ୟ ଦିବସରେ ଏହିଭଳି ମତ ଦେଇଛନ୍ତି ଗାଳ୍ପିକ ସୁନୀଲ ବୋଷ, ଯାହାକି ଚର୍ଚ୍ଚାର ବିଷୟ ହୋଇଥିଲା। ଶ୍ରୀରାମ ନଗର ସ୍ଥିତ ସାହିତ୍ୟ ସଂସଦ ଗୃହରେ ଅନୁଷ୍ଠିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ। ଖୋର୍ଦ୍ଧା ଅଂଚଳର ଜଣାଶୁଣା ନାଟ୍ୟ ଅଭିନେତା ତଥା ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଲାଲମାଟିର ବଳିଷ୍ଠ ନାଟ୍ୟ ପରମ୍ପରା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଅଂଚଳର ନାଟ୍ୟକାର ଓ ନାଟକ ସଂପର୍କରେ ପିଏଚଡି ପ୍ରାପ୍ତ ହୋଇଥିବା ମୁଖ୍ୟବକ୍ତା ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ନାଟକ ସଂପର୍କରେ ସାରଗର୍ଭକ ଆଲୋଚନା କରିଥିଲେ। ନାଟ୍ୟ ଅଭିନେତା କୃଷ୍ଣଚନ୍ଦ୍ର ହରିଚନ୍ଦନ, ସମରଜିତ୍ ପଟ୍ଟନାୟକ ପ୍ରମୁଖ ନିଜ ଅଭିନୟ ଜୀବନର ଅନୁଭୂତି ସହ ବିଭିନ୍ନ ସଂଳାପକୁ ଉପସ୍ଥାପନ କରିଥିଲେ। ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ କହିଥିଲେ ଯେ, ସାଂପ୍ରତିକ ସମୟର ଦୁର୍ନୀତି, ଅନ୍ୟାୟ, ଅନୀତି, ରାଜନୈତିକ ତଥା ପ୍ରଶାସନିକ ସ୍ୱେଚ୍ଛାଚାରିତା ସଂପର୍କରେ ନାଟକ ଲିଖନ ସହ ପରିବେଷଣ ହେବା ଜରୁରି। ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଗାଳ୍ପିକ ତପନ ମହାପାତ୍ର, ଶିକ୍ଷାବିତ୍ ବିଭୁପ୍ରସାଦ ହରିଚନ୍ଦନ, ପ୍ରଫୁଲ୍ଲ ସାମନ୍ତରାୟ, ଲକ୍ଷ୍ମୀଧର ବଡ଼ଜେନା, କବିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାଂପ୍ରତିକ ସମୟରେ ନାଟକର ଆବଶ୍ୟକତା ରହିଥିବା ସମୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଓକିଲ ସଂଘର ନବନିର୍ବାଚିତ ସଭାପତି ବିଜୟ ସାମନ୍ତସିଂହାରଙ୍କୁ ସାହିତ୍ୟ ସଂସଦ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ କବି ଯୋଗେଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ପୌର ନିର୍ବାଚନ ଫଳାଫଳ ସମ୍ପର୍କିତ ଜିଲ୍ଲା କଂଗ୍ରେସ କମିଟିର ଜରୁରୀ ବୈଠକ, ଗଞ୍ଜାମ ଜିଲ୍ଲାବାସୀଙ୍କୁ କୃତଜ୍ଞତା

ବ୍ରହ୍ମପୁର (ପିଏନ୍) : ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ବିଧାୟକ ରମେଶ ଜେନା ଓ ବ୍ରହ୍ମପୁର ମହାନଗର ନିଗମରେ କଂଗ୍ରେସ ପକ୍ଷରୁ ପ୍ରତିଦ୍ୱନ୍ଦିତା କରୁଥିବା ମେୟର ପ୍ରାର୍ଥିନୀ ମଞ୍ଜୁ ରଥ ନିକଟରେ ଅନୁଷ୍ଠିତ ହୋଇଯାଇଥିବା ପୌର ନିର୍ବାଚନ ଜନାଦେଶକୁ ସମ୍ମାନ ଜଣାଇ ନିର୍ବାଚିତ ହୋଇଥିବା ଜନପ୍ରତିନିଧିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଭୋଟରମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏ ସମ୍ପର୍କରେ ଏକ ବୈଠକ ସଭାପତି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ପୌର ନିର୍ବାଚନ ଏବଂ ଦଳର ପରାଜୟ ସମ୍ପର୍କରେ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ସହ ଲୋକଙ୍କ ନିକଟତର ହୋଇ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ।

ଅପରପକ୍ଷରେ ସମସ୍ତ ଘାତ ପ୍ରତିଘାତ, ସରକାରୀ କଳର ଚାପା, ଅର୍ଥ ଓ ବାହୁ ବଳକୁ ପଛରେ ପକାଇ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳରେ ନବନିର୍ବାଚିତ କଂଗ୍ରେସ ଦଳର ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଓ ଜିଲ୍ଲାର ସମସ୍ତ ନିର୍ବାଚିତ କଂଗ୍ରେସ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

ଏହି ବୈଠକରେ ଦଳର ମୁଖପାତ୍ର ରବି ରଥ, ଏସ୍‌ସି ଏସଟି ସେଲର ସଭାପତି ଅମିର୍ ଭୂୟାଁ, ଜିଲ୍ଲା ଉପସଭାପତି ମହେଶ୍ୱର ପାତ୍ର, ସମ୍ପାଦକ ଦଣ୍ଡପାଣି ପାତ୍ର, ମହିଳା କଂଗ୍ରେସ ସଭାନେତ୍ରୀ ବନଜା ପଣ୍ଡା, କେ. ରବି, ଚିନ୍ତାମଣି ନାୟକ, ଅଶୋକ ମୁନି, ସିଦ୍ଧାନ୍ତ ସାହୁ, ଶଶିଭୂଷଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆମ ପରମ୍ପରା ଟ୍ରଷ୍ଟର ମାଗଣା ଚକ୍ଷୁ ପରୀକ୍ଷା ଶିବିର



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଦର ଶ୍ରୀକୋଣା ଗ୍ରାମ ପଞ୍ଚାୟତ ଅଧିନସ୍ତ ଖଣ୍ଡକାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ପରମ୍ପରା ଟ୍ରଷ୍ଟ ଆନୁକୂଲ୍ୟରେ ଓ ରୋଟାରୀ କ୍ଲବ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଶ୍ରୀ କମଳଲୋଚନ ସାହୁ ଓ ଆମ ପରମ୍ପରା ଟ୍ରଷ୍ଟର ଉପଦେଷ୍ଟା ବରିଷ୍ଠ ଆଇନଜିବୀ ଶ୍ରୀ ହରେକୃଷ୍ଣ ଦାସ ମିଳିତ ଭାବରେ ଉଦ୍‌ଘାଟନ କରିଥିଲେ ଏବଂ ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ଓ ଚକ୍ଷୁ ଚିକିତ୍ସା ଶିବିରକୁ ଆସିଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ଚକ୍ଷୁ ସଚେତନତା ବାର୍ତ୍ତା ସଭା ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି ବିକର୍ତ୍ତନ ନାୟକଙ୍କ ସଭାପତିତ୍ୱରେ ସଦର ଗୋଷ୍ଠି ଶିକ୍ଷାଧିକାରୀ ମିହିର କୁମାର ପ୍ରଧାନ, ସରପଞ୍ଚ ଶ୍ରୀ ସାହୁ, ଆଇନଜିବୀ ଶ୍ରୀଦାସ, ସଂପାଦକ ମୁରଲୀଧର ନାୟକ, ମନ୍ମଦ ମିଶ୍ର, ହରିହର ନାୟକ, ଡ଼ଃ ବିଥିକା ପଟ୍ଟନାୟକ, ସୁରେଶ ଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଚକ୍ଷୁ ସମ୍ବନ୍ଧୀୟ ସଚେତନତା ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ରୋଟାରୀ କ୍ଲବର ସଂପାଦକ ପଦାରବିନ୍ଦ ମହାପାତ୍ର ଭବିଷ୍ୟତର କାର୍ଯ୍ୟପନ୍ଥା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ରାଷ୍ଟ୍ରପତି ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀ ସତ୍ୟଭାମା ମୁଦୁଲି ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ଼ ସଭ୍ୟ ଚତୁର୍ଭୁଜ ପ୍ରଧାନ, ବର୍ଜୁ ସିଂ, ନାୟବ ସରପଞ୍ଚ ଶ୍ରୀମତୀ ମଞ୍ଜୁ ସିଂ, ଅନୁଷ୍ଠାନର ସଦସ୍ୟ ମହେନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ବେହେରା, ବିଜୟାଲକ୍ଷ୍ମୀ ମିଶ୍ର, ରଞ୍ଜିତ ପରିଡ଼ା, କଞ୍ଚମଣି ସ୍ୱାଇଁ, ଲୋକନାଥ ପିରି, କଳ୍ପନା ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ଓ ଶିକ୍ଷକ, ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ୯୦ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତଙ୍କର ଚକ୍ଷୁ ପରୀକ୍ଷା କରାଯାଇ ୧୫ ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ମନୋନିତ କରାଯାଇଥିଲା। ଏଭଳି ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଗ୍ରାମବାସୀମାନେ ଖୁବ୍ ଆନନ୍ଦ ଅନୁଭବ କରିଥିଲେ। ଶେଷରେ ଅମରେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଗଜପତି ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ପାରଳାଖେମଣ୍ଡି,(ପି.ଏନ): ଗଜପତି ଜିଲ୍ଲା ସଦମହକୁମା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ. କୁମାର , ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଏସ.ଆନନ୍ଦ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ଦାସ ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦର ସମେତ କେରାଣ୍ଡି, କତଳକଇଠା, ବାଘଶାଳ, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ-୧୩୨ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୧୧୨ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୨୦ ଗୋଟି ଓ ୩୯ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି, ୩ ଜଣକୁ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦ ହାଜର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା, ମୋ ଘର ଯୋଜନା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚ୍ନ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଦୀପ କୁମାର ପାତ୍ର ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ ।

## ମୃତ୍ୟୁର ବାଟ ଚାହିଁ ବସିଛନ୍ତି ପକ୍ଷାଘାତ ରୋଗୀ ପିତା

କନ୍ଧମାଳ, (ପିଏନ)- ନିଜର କର୍କଟ ରୋଗ ପାଇଁ ଏବଂ ତାଙ୍କ ପିତାଙ୍କର ପକ୍ଷାଘାତ ରୋଗର ଚିକିତ୍ସା ପାଇଁ ସରକାରୀ ସହାୟତା ଆଶାରେ ଅପେକ୍ଷାରେ ଶେଷରେ ଆଖି ବୁଜିଲେ କର୍କଟ ପିଡ଼ିତ ଭାଗିରଥି ବେହେରା । ଏପରି ସ୍ଥିତିରେ ନିଜର ମୃତ୍ୟୁ ଅପେକ୍ଷାରେ ରହିଛନ୍ତି ତାଙ୍କର ପିତା କୁଞ୍ଜବିହାରୀ ବେହେରା । କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସୁଡ଼ୁରୁକୁମ୍ପା ପଂଚାୟତରେ ନେଡ଼ିଗୁଡ଼ା ଗ୍ରାମର କର୍କଟ ଜଣେ ଗରିବ ନିସହାୟ କର୍କଟ ରୋଗୀ ଥିଲେ ଭାଗିରଥି । ଯେଉଁ ବୟସରେ ରୋଜଗାର କରିବା କଥା ସେହି ବୟସରେ କର୍କଟ ରୋଗ ଯୋଗୁଁ ସେ ଘରେ ପଡ଼ିରହିଥିଲେ । ତାଙ୍କ ପରିବାରର ସେ ଜଣେ ମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାବେଳେ ତାଙ୍କୁ ଏହି ଅସାଧ୍ୟ ରୋଗ ହେବାପରେ ତାଙ୍କର ରୋଜଗାରରେ ପଡିଲା ଜବନିକା । ତେବେ ରୋଗର ଚିକିତ୍ସା ପାଇଁ ସରକାରୀ ସହାୟତା ମିଳିବା ଅପେକ୍ଷାରେ ଏ ଦୁଆର ସେ ଦୁଆ ହୋଇ ତାଙ୍କର ଜୀବନ ଗଲା ଏବେବି ତାଙ୍କ ବାପା କୁଞ୍ଜ ବିହାରୀ ବେହେରା ପକ୍ଷାଘାତ ରୋଗରେ ପିଡ଼ିତ । ଦୀର୍ଘଦିନ ହେଲା ବାପା-ପୁଅ ରୋଗାଗ୍ରସ୍ତ ହୋଇ ଘରେ ପଡ଼ିରହିଥିବା ବେଳେ ପରିବାର ଚଳାଇବା ମଧ୍ୟ କଷ୍ଟଦାୟକ ସେମାନଙ୍କ ପାଇଁ । ଗୋଟିଏ ପଟେ ରୋଜଗାର ବନ୍ଦ ଅନ୍ୟପଟେ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକ ଚିନ୍ତାରେ ଉଭୟ ବାପା-ପୁଅ ସମେତ ପରିବାର ସମେସ୍ତ ଚିନ୍ତାରେ ପଡ଼ିଥିବା ବେଳେ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଥମେ ଏକ ଡାକ୍ତରୀ ଦଳ ତାଙ୍କ ଘରେ ପହଂଚି କେବଳ ସେମାନଙ୍କୁ ଦେଖିଦେଇ ଚାଲି ଯାଇଥରଲେ । ହେଲେ ସେମାନଙ୍କର ସହାୟତା ପାଇଁ କୌଣସି ପ୍ରକାର ଚିକିତ୍ସା ବ୍ୟବସ୍ଥା କରିନଥିଲେ । ପରେ ଉକ୍ତ ପରିବାର ପାଖରେ ସ୍ୱେଚ୍ଛାସେବୀ ପହଂଚି ସେମାନଙ୍କୁ କିଛି ସହାୟତା ଦେବା ସହିତ ପ୍ରଶାସନକୁ ଚିକିତ୍ସା ପାଇଁ ମଧ୍ୟ ଅବଗତ କରିବା ପରେ କର୍କଟ ରୋଗରେ ପିଡ଼ିତ ଥିବା ପୁଅ ଭାଗିରଥିକୁ ପ୍ରଥମେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ସେଠାରେ ଚିକିତ୍ସା ପାଇଁ ପ୍ରଚେଷ୍ଟ ଆରମ୍ଭ ହୋଇଥିଲା । ସେଠାରୁ କଟକ କ୍ୟାନସର ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ କୋଭିଡ୍ ପରୀକ୍ଷାରେ ବିଳମ୍ବ ଯୋଗୁଁ ତାଙ୍କୁ କ୍ୟାନସର ଓ୍ୱାର୍ଡ଼ରେ ଭର୍ତି କରିବାରେ ମଧ ବିଳମ୍ବ ଘଟିଥିଲା । ସେଠାରେ ଚିକିତ୍ସା ପାଇଁ ଅପେକ୍ଷା କରି ଜୀବନ ଚାଲିଯାଇଥିଲା ଭାଗିରଥିଙ୍କର । ପରିବାର ଲୋକେ ବହୁ କଷ୍ଟରେ ନିଜ ଖର୍ଚ୍ଚରେ ତାଙ୍କର ମୃତଦେହ ଆଣିଥିଲେ ନିଜ ଗ୍ରାମକୁ । ପ୍ରଶାସନର ଅବହେଳା ଅଭିଯୋଗ କରି ଭାଗିରଥିଙ୍କ ମୃତ୍ୟୁପରେ ତାଙ୍କ ଗ୍ରାମବାସୀଙ୍କ ମଧ୍ୟରେ ଅସେନ୍ତାଷ ଦେଖାଯାଇଥିଲା । ପରିସ୍ଥିତି ଉତେଜନା ପୁର୍ଣ୍ଣ ହେବାରୁ ଏହି ଖବର ପାଇ ଖଜୁରିପଡ଼ା ବି.ଡି.ଓ ରବିନ୍ଦ୍ରନାଥ କହଁର , ବ୍ଲକ ଅଧକ୍ଷ ବିରେନ୍ଦ୍ର କହଁର ଓ ଅନ୍ୟମାନେ ପହଂଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ରେଡ଼କ୍ରସ୍ ପାଣ୍ଠିରୁ ପରିବାରକୁ ତୁରନ୍ତ ୧୦ ହଜାର ଟଙ୍କା ସହିତ ହରିଶ୍ଚନ୍ଦ୍ର ଯୋଜନାରେ ମଧ୍ୟ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ତାଙ୍କର ସ୍ତ୍ରୀଙ୍କୁ ବିଧବା ଭତା ସହିତ ଝିଅକୁ ପାଠ ପଢାରେ ସହଯୋଗ ପାଇଁ ମଧ ଗ୍ରାମବାସୀ ମାନେ ଦାବୀ କରିବା ସହିତ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ପାଣ୍ଠିରୁ ତୁରନ୍ତ ତାଙ୍କ ପରିବାରକୁ ୨୦ ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି ।

## ମୟୂରଭଞ୍ଜରେ ବିକାଶ ପାଗଳ ହୋଇଛି

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ବିକାଶ ପାଗଳ ହୋଇଯାଇଛି । ବିଜେପି ପୂର୍ବ ଭାରତରେ ବିକାଶର ସୂର୍ଯ୍ୟୋଦୟ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହେବାର ନାରା ଦେଇଥିବା ବେଳେ ବିଜେଡ଼ି କଥାରେ ନୁହେଁ କାର୍ଯ୍ୟ କରିବାରେ ବିଶ୍ୱାସ ରଖେ ନାରା କେବଳ ସ୍ଲୋଗାନ ମଧ୍ୟରେ ସିମୀତ ରହିଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ମାଳମାଳ ଯୋଜନା ପ୍ରଚଳନ କରି ଚାଲିଥିବା ସମୟରେ ଏହାର ସଠିକ୍ ରୂପାୟନ ସମ୍ଭବ ହୋଇପାରୁ ନାହିଁ । ଫଳରେ ବିକାଶ ନାମରେ ଆସୁଥିବା ଅର୍ଥ ବାଟବଣା ହେବାରେ ଲାଗିଛି । ସ୍ୱାଧୀନତାର ୭୪ ବର୍ଷ ପରେ ମଧ ଜିଲ୍ଲାବାସୀ ମୌଳିକ ସୁବିଧାସୁଯୋଗରୁ ବଂଚିତ ହୋଇ ଆସୁଛନ୍ତି । କେଉଁଠି ପିଇବା ପାଣି ସମସ୍ୟାରେ ଜନସାଧାରଣ ଡ଼ହଳବିକଳ ହେଉଛନ୍ତି ପୁଣି କେଉଁଠି ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ସେହିପରି ଗମନାଗମନ, ଜଳସେଚନ ଆଦି ବିଭିନ୍ନ ସମସ୍ୟା ମଧ ଦେଇ କେଉଁଠି ନା କେଉଁଠି ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣ ସମ୍ମୁଖୀନ ହେଉଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ସମ୍ଭବ ହୋଇପାରି ନାହିଁ । ଯଦିଓ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରୁ ୯ ବିଧାନସଭା ମଧ୍ୟରୁ ୬ଟିରୁ ଅନୁସୂଚିତ ଜନଜାତି, ଗୋଟାଏ ଅନୁସୂଚିତ ଜାତି ଏବଂ ଅନ୍ୟଟି ସାଧାରଣ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ସମୟରେ ଲୋକସଭା ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ତଥାପି ନିର୍ବାଚିତ ଜନ ପ୍ରତିନିଧିମାନେ ଜନସାଧାରଣଙ୍କ ବୃହତ ସାମୂହିକ ସ୍ୱାର୍ଥ ସାଧନ ନିମନ୍ତେ କୌଣସି କାରଣରୁ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ବେଳେ ବିରୋଧୀ ସ୍ଥଳ ବିଶେଷରେ ସମସ୍ୟାକୁ କେବଳ ନିଜର ରାଜନୈତିକ ଫାଇଦାରେ ବ୍ୟବହାର କରିଆସୁଛି । ଏହାର ନଗ୍ନ ଉଦାହରଣ ପାଲଟିଛି ମୁଖ୍ୟମନ୍ତ୍ରୀ ନବୀନଙ୍କ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଥିବା ସୁଦାମ ମାର୍ଣ୍ଡିଙ୍କ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ତଥା ବାଙ୍ଗିରିପୋଷି ବ୍ଲକ ଅଧୀନ ବ୍ରାହ୍ମଣ ଗାଁ ପଞ୍ଚାୟତ ସୋରିଷପାଳ ଗ୍ରାମ ନିକଟ ବୃଢ଼ାବଳଙ୍ଗ ନଦୀର ରେସୁଣ ଘାଟ । ଏଠାରେ ନଦୀ ପାର ହେବା ନିମନ୍ତେ ସେତୁ ଟିଏ ନିର୍ମାଣ ଦୂରର କଥା ନାହିଁ ଡଙ୍ଗାର ବ୍ୟବସ୍ଥା । ବର୍ଷ ବର୍ଷ ଧରି ନଦୀ ପାର ହେବା ନିମନ୍ତେ ଜନସାଧାରଣଙ୍କର ଏକ ମାତ୍ର ଭରସା ବାଉଁଶ ନିର୍ମିତ ଭେଳା । ଉକ୍ତ ଘାଟରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ନିଜ ଜୀବନକୁ ବାଜିରେ ଲଗାଇ ବିପଦ ଶଙ୍କୁଳ ଅବସ୍ଥାରେ ନଦୀ ପାର ହେଉଥିବାର ଦେଖିବାକୁ ମିଳିଥାଏ । ଟ୍ରକ, ବସ ଆଦି ଚାରି ଚକିଆ ଯାନର ଟାୟାରରେ ବ୍ୟବହାର ହେଉଥିବା ୬ଟି ଟିଉବ୍ ଉପରେ ବାଉଁଶ ବିଛାଯାଇ ଭେଳା ପ୍ରସ୍ତୁତ କରାଯାଇଛି । ଏଥି ସହିତ ଏକ ଦଉଡ଼ିକୁ ନଦୀର ଦୁଇ ପାର୍ଶ୍ୱରେ ଖୁଂଟ ପୋତା ଯାଇ ସେଥିରେ ଦଉଡ଼ିର ଦୁଇ ମୁଣ୍ଡକୁ ବନ୍ଧା ଯାଇଛି । ଦଉଡ଼ିକୁ ଧରି ଭେଳାରେ ନଦୀର ଗୋଟାଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ପାରି ହୋଇଥାନ୍ତି । ସେହିପରି ଭେଳାରେ ଏକା ଥରକେ ୫ରୁ ୬ ବାଇକ ଧରି ଏ କୂଳରୁ ସେ କୂଳକୁ ଲୋକମାନେ ପାରି ହେଉଥିବାର ଦେଖିବାକୁ ମିଳିଛି । ନଦୀ ପାରି ହେବା ନିମନ୍ତେ ଆଖ ପାଖରେ କୌଣସି ପୋଲର ବ୍ୟବସ୍ଥା ନ ଥିବା କାରଣରୁ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ, ବୃଦ୍ଧା, ଯୁବକ, ଯୁବତୀଙ୍କ ସହ ରୋଗୀଙ୍କୁ ତୁରନ୍ତ ଚିକିତ୍ସାଳୟରେ ପହଁଞ୍ଚାଇବା ନିମନ୍ତେ ଏହି ଭେଳା ଏକ ମାତ୍ର ବିକଳ୍ପ ପାଲଟିଯାଇଛି ବୋଲି ନଦୀ ପାରି ହେଉଥିବା ସ୍ୱାସ୍ଥ୍ୟକର୍ମୀ ସୀତା ମାର୍ଣ୍ଡି, ସୁଶୀଲ ପୃଷ୍ଟି ଓ ସ୍ଥାନୀୟ ବାସିନ୍ଦା ଭୁଜୁ ମାର୍ଣ୍ଡି ପ୍ରମୁଖଙ୍କ ସହ ଭେଳା ଚାଳକ ବେଣୁଧର ମହାକୁଡ଼ କହିଛନ୍ତି । ସେହିପରି ବିଧାୟକ ଓ ଜିଲ୍ଲା ପ୍ରଶାସନ ଚାହିଁଥିଲେ ସରକାରଙ୍କ ବିଜୁ ସେତୁ ଯୋଜନା ଉକ ପୋଲ ନିର୍ମାଣ ନିମନ୍ତେ ପ୍ରପୋଜାଲ ଦେଇ ପାରିଥାନ୍ତେ । କିନ୍ତୁ ଏଥି ନିମନ୍ତେ କାହାରି ନିକଟରେ ଆନ୍ତରିକତା ନାହିଁ । ସେହିପରି ଉକ୍ତ ରେସୁଣ ନଦୀଘାଟଠାରୁ ଅଳ୍ପ କିଛି ଦୂରରେ ଥିବା ଦୋମୁହାଁଣିଠାରେ ୨୦୧୫ ମସିହାରେ ବାରିପଦା ପିଏ ଆଇଟିଡ଼ିଏ ପକ୍ଷରୁ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଝୁଲା ପୋଲ ନିର୍ମାଣ ନିମନ୍ତେ ବର୍ତମାନର ବାଙ୍ଗିରିପୋଷି ବିଧାୟକ ତଥା ଶ୍ରୀମାର୍ଣ୍ଡି ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୀର୍ଘ ଦିନର ଗମନାଗମନ ସମସ୍ୟାକୁ ଝୁଲା ପୋଲ ସମାଧାନର ରାସ୍ତା ଫିଟାଇ ଦେବାକୁ ନେଇ ଜନସାଧାରଣ ଅଧିକ ଉତ୍ସାହିତ ହୋଇପଡ଼ିଥିବା ସମୟରେ ଝୁଲା ପୋଲଟି କୂଳ ଛୁଇଁ ନ ପାରି ସବୁ ଦିନ ନିମନ୍ତେ ନଦୀ ମଝିରେ ସେମିତି ଝୁଲି ରହିଗଲା । ଯଦି ଜନତାଙ୍କ ସ୍ୱାର୍ଥରେ ଆସି ପାରିଲା ନାହିଁ, ତେବେ ଏହି ଝୁଲା ପୋଲ ପ୍ରକଳ୍ପ ନିର୍ମାଣ କାହା ସ୍ୱାର୍ଥ ସାଧନ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଜନତା । ଏଥି ସହିତ ମନ୍ତ୍ରୀ ଶ୍ରୀମାର୍ଣ୍ଡି ୨୦୧୪ରେ ବିଜେଡ଼ିରେ ମିଶିବା ପୂର୍ବରୁ ବିଭିନ୍ନ କଥାରେ ସରକାରଙ୍କୁ ଘେରିବା ସହ ସମାଲୋଚନା କରିଆସୁଥିଲେ । ମାତ୍ର ଶାସକ ଦଳରେ ମିଶିବା ପରେ ମୟୂରଭଞ୍ଜ ଜିଲ୍ଲା ସହ ତାଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ ବାଙ୍ଗିରିପଷିର ସାମୂହିକ ବିକାଶ ତଥା ଉନ୍ନତି ସାଧିତ ହେବ ବୋଲି ଆଶା କରିଥିଲେ ଜନତା । ଝାମୁମୋରୁ ଦଳରୁ ଥରେ ଓ ଶାସକ ବିଜେଡ଼ି ଦଳରୁ ଦୁଇ ଦୁଇ ଥର ବିଧାୟକ ହେବା ସହ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ମାତ୍ର ତାଙ୍କ ନିଜ ବାସସ୍ଥାନ ରହିଥିବା ଏହି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ନିମନ୍ତେ ମନ୍ତ୍ରୀ ଶ୍ରୀମାର୍ଣ୍ଡି କେତେ ଯତ୍ନବାନ ତାହା ନିଜେ ଶିଳାନ୍ୟାଶ କରିଥିବା ଦୋମୁହାଁଣି ଝୁଲା ପୋଲରୁ ବେଶ ବାରି ହୋଇପଡୁଛି ବୋଲି ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ହାଁସଦାଃ, ପ୍ରଦୀପ ମହାକୁଡ଼ ପ୍ରମୁଖ ପ୍ରକାଶ କରିଛନ୍ତି । ତେଣୁ ଏଦିଗରେ ମନ୍ତ୍ରୀ ଶ୍ରୀମାର୍ଣ୍ଡିଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କର ସେଲ ନମ୍ବର ୯୪୩୯୨୯୭୯୦୦ରେ ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ ସମ୍ଭବ ହୋଇପାରି ନ ଥିଲା । ସେହିପରି ବାରିପଦା ପିଏ ଆଇଟିଡ଼ି ବସନ୍ତ କୁମାର ସେଠୀଙ୍କ ସହ ମଧ ଯୋଗାଯୋଗ ହୋଇ ପାରି ନ ଥିଲା ।

## ପାରାଦୀପ ବନ୍ଦର ସଚ୍ିବ ଭାବେ ୟୁ.ଆର. ମୋହନ ରାଜୁଙ୍କ ଦାୟିତ୍ୱ ଗ୍ରହଣ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ସଚ୍ିବ ଭାବେ ୟୁ.ଆର. ମୋହନ ରାଜୁ ବୁଧବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି କ୍ଷ ପୂର୍ବରୁ ଶ୍ରୀ ରାଜୁ ମୁମ୍ବାଇ ବନ୍ଦରର ସଚ୍ିବ ଭାବେ ଦାୟିତ୍ୱ ତୁଲାଉଥିଲେ । ସୂଚ୍ନା ଥାଉକି ପୂର୍ବରୁ ଶ୍ରୀ ରାଜୁ ପାରାଦୀପ ବନ୍ଦର ସମେତ ପାଞ୍ଚଟି ବନ୍ଦରରେ କାର୍ଯ୍ୟ କରି ଜଣେ ଅଭିଜ୍ଞ ଅଧିକାରୀ ଭାବେ ବେସ ପରିଚ୍ିତ ।ତେବେ ଏଥିପୂର୍ବରୁ ପାରାଦୀପ ବନ୍ଦର ସଚ୍ିବ ଭାବେ କାର୍ଯ୍ୟ କରୁଥିବା ପି.ଏନ.ବାହେକର ଙ୍କ ମୁମ୍ବାଇ ବନ୍ଦରକୁ ବଦଳି ହୋଇଥିବା ଜଣାପଡିଛି କ୍ଷ ଶ୍ରୀ ରାଜୁ ଆଜି ସଚ୍ିବ ଦାୟିତ୍ୱ ଗ୍ରହଣ କଲାପରେ ପାରାଦୀପ ବନ୍ଦରର ଅଧିକାରୀ ଓ କର୍ମଚ୍ାରୀ ମାନେ ତାଙ୍କୁ ସ୍ୱାଗତ କରିଥିଲେ ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା ।

## ୪ ଅଭିଯୁକ୍ତ ଗିରଫ,୬ ଫେରାର, ୨ବାଇକ୍ ସହ ବହୁ ମାରଣାସ୍ତ୍ର ଜବତ

ଭୁବନେଶ୍ୱର,(ପିଏନ)- ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ବଡ ଧରଣର ସଫଳତା । ଗତ କାଲି ବିଳମ୍ବିତ ରାତିରେ ଏକ ବଡ ଧରଣର ଡକାୟତି ଉଦ୍ୟମ ଯୋଜନା କରୁଥିବା ବେଳେ ନାଇଟ ପାଟ୍ରୋଲିଂ କରୁଥିବା ପୋଲିସ ଏହାକୁ ପଣ୍ଡ କରିଛି । ଯାହାକୁ ନେଇ ଆଜି ଧର୍ମଶାଳାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବାଇକ,ମାରଣାସ୍ତ୍ର ସହ ନଗଦ ଟଙ୍କା ଜବତ କରିଥିବ ନେଇ ଆଜି ଅପରାହ୍ନରେ ଧର୍ମଶାଳା ଥାନା ପରିସରରେ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ମୁତାବକ ଗତ କାଲି ରାତିରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ପାହାଡ ପାଦ ଦେଶରେ କିଛି ଯୁବକ ଚଲାବୁଲା କରୁଥିଲେ । ତେବେ ସେହି ସମୟରେ ଧର୍ମଶାଳା ପୋଲିସ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ସେମାନଙ୍କ ଉପରେ ନଜର ପଡିଥିଲା । ତେବେ ସେମାନେ ପୋଲିସକୁ ଦେଖି ଫେରାର ହୋଇ ଯାଉଥିବା ଦେଖି ପୋଲିସ ସେମାନଙ୍କୁ ପିଛା କରି ୪ ଜଣଙ୍କୁ ଧରିବାରେ ସଫଳତା ପାଇଥିଲା ବେଳେ ଅନ୍ୟ ୬ ଜଣ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ୪ ଯୁବକଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚୁରା ପରେ ଏକ ଡକାୟତି ଯୋଜନା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଏବଂ ସେମାନଙ୍କଠାରୁ ବହୁ କଥା ଜାଣିବାକୁ ପାଇଥିଲା । ଏବଂ ସେମାନଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପୋକଲ ପଲ୍ଲୀ ଗ୍ରାମର କାର୍ତ୍ତିକ ଦାସଙ୍କ ପୁଅ ଶିବାଜୀ(୨୩) ଏହି ଗ୍ରାମର ଦାସ ଲାମ୍ବାଙ୍କ ପୁଅ ଦାସ ବେଓ୍ୱା(୧୯),ଆସ୍କା ଥାନା ଅନ୍ତର୍ଗତ କରଟେଲି ଗ୍ରାମର ଆହୁଲା ସୁରେଶଙ୍କ ପୁଅ ଆହୁଲା ବଳରାମ(୨୧) ଓ ଆସ୍କା ଥାନା ଅନ୍ତର୍ଗତ ରେଞ୍ଜାର ବଙ୍ଗଳା ଗ୍ରାମର ଏମ୍ ବାବୁଲାଙ୍କ ପୁଅ ଏମ୍ ସୁନିଲ(୨୫) ବୋଲି ଜଣାପଡିଛି । ଏବଂ ସେମାନେ ବ୍ୟବହୃତ କରୁଥିବା ୨ଟି ହୋଣ୍ଡା ବାଇକ୍ ଓଡି୦୨ଏଏସ୬୯୨୧ ଓ ଓଡି୩୨ଇ୨୬୧୧,ଗୋଟିଏ ଦେଶୀ ବନ୍ଧୁକ,ଗୋଟେ ଭୁଜାଲି,ଗୋଟେ ଛୁରୀ,୨ଟି ରେଂଚୁ,ଗୋଟେ ପ୍ୟାକେଟ ଲଙ୍କା ଗୁଣ୍ଡ,୮ ଗୋଟି ମୋବାଇଲ, ନଗଦ ୮୧୯୦ଟଙ୍କା,୬ଟି ଏଟିଏମ୍ କାର୍ଡ,୧୩ ଗୋଟି ସିଲଭର ପାଉଁଜି,୨୪ଟି ସିଲଭର ମୁଦିକୁ ପୋଲିସ ଜବତ କରିଛି । ଏବଂ ଅଭିଯୁକ୍ତମାନଙ୍କୁ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସଡିପିଓ ଶ୍ରୀ ନାୟକ ସୁଚନା ଦେଇଛନ୍ତି । ଏବଂ ଏହି ଘଟଣାରେ ଏହି ସବୁ ଅଂଚଳର ବିଜୟଙ୍କ ପି ରାଜା(୨୧),କୃଷ୍ଣ ଦାସଙ୍କ ପୁଅ ମହେଶ୍ୱର(୨୧),ପି ରାମୁଙ୍କ ପୁଅ ରହୁଲ ଦାସ(୨୧), ମିଲନ ଦାସ(୨୧), ଜୟା ଗୋପିଙ୍କ ପୁଅ ଜୟା ଚାନ୍ଦୁ(୧୯) ଓ ଅଭୟ ଦାସ(୨୫) ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଖୁବ ଶିଘ୍ର ଧରାଯିବ ବୋଲି ପୋଲିସ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆଜି ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍‌କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନଓ୍ୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନଓ୍ୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

## ଉତରପ୍ରଦେଶ ହାତରସ ଘଟଣା ପାଇଁ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

କନ୍ଧମାଳ,(ପିଏନ)- ପ୍ରଦେଶ ଯୁବ କଂଗ୍ରେସ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ଆଜି ଫୁଲବାଣୀରେ ଉତରପ୍ରଦେଶ ହାତରସରେ ହୋଇଥିବା ଜଣେ ଯୁବତୀଙ୍କୁ ନିର୍ମମ ଭାବରେ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଛି । ମଧ୍ୟରାତ୍ରରେ ତାଙ୍କୁ ମୃତ ଘୋଷଣା କରିବାପରେ ତାଙ୍କ ଶବକୁ ଉତରପ୍ରଦେଶ ପୁଲିସ ତାଙ୍କ ପରିବାରକୁ ହସ୍ତାନ୍ତର ନ କରି ପ୍ରଶାସନ ଶବକୁ ପୋଡିଦେଇଥିବା ଘଟଣାକୁ ବିରୋଧ କରାଯାଇଛି । ସେଥିପାଇଁ ଆଜି ସଂନ୍ଧ୍ୟାରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀଙ୍କ ନେତୃତ୍ୱରେ ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ବିଜୁପଟ୍ଟନାୟକ ଛକଠାରେ ପହଂଚିଥିଲା । ଏଥିରେ ପୁର୍ବତନ ସାଂସଦ ରାଧାକାନ୍ତ ଦିଗାଲ,ପୁର୍ବତନ ବିଧାୟକ ଅଭିମନ୍ୟୁ ବେହେରାଙ୍କ ସମେତ ଜିଲ୍ଲା କଂଗ୍ରେସର ଘନକୁମାର ଶବର,ହେମନ୍ତ କର,ସଂସାର ଭୋଇ,ଦୁର୍ଯ୍ୟୋଧନ ପଟ୍ଟନାୟକ,ସଞ୍ଜୟ ଭଞ୍ଜ,ବଳଦେବ ବେହେରା,ଅଶୋକ ସାସିନି,ନନ୍ଦକିଶୋର ଦାସ,ଶିବଶଙ୍କର ବେହେରା, ମନିଶ ବେହେରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇ ପୀଡିତାଙ୍କ ତୈଳଚିତ୍ର ଆଗରେ କ୍ୟାଣ୍ଡେଲ ଜାଳି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ସରକାରଙ୍କର ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟ ହିନ୍ଦୁ ଧର୍ମର ବିରୋଧ ଓ ଅସମ୍ମାନ ବୋଲି ଦଳର ପୁରୁଣା ନେତା ମାନେ କହିଛନ୍ତି । ଉତରପ୍ରଦେଶ ସରକାରଙ୍କ ଏହି କାର୍ଯ୍ୟକୁ ବିରୋଧ କରାଯିବା ସହିତ ସେଠାରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆଦିତ୍ୟ ଯୋଗୀଙ୍କ କୁଶପୁତଳିକା ଦାହ କରାଯାଇଥିଲା ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Thursday March 21, 2024 | ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୨୧ ,୨୦୨୪ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



# ସିଂହଗାଁରେ କଂଗ୍ରେସ ଦଳର କର୍ମୀ ସମ୍ମିଳନୀ



କେନ୍ଦ୍ରାପଡ଼ା,(ପି.ଏନ):: କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ ପଞ୍ଚାୟତରେ ଏକ ନିର୍ବାଚନୀ ବୈଠକ ପଞ୍ଚାୟତ ସଭାପତି ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗଦେଇ କହିଲେ ଯେ ଆମେ ବିଧାନସଭା ଯିବା ଲକ୍ଷ୍ୟ ପୁରଣ ପାଇଁ ଆମକୁ 'କର ବା ମର' ଆହ୍ୱାନର ସମ୍ମୁଖୀନ ହୋଇଛେ । ସୁତରାଂ ଆମେ ସମସ୍ତେ ଏକାଠି ଲଢି ସିଂହଗାଁ ପଞ୍ଚାୟତରେ କଂଗ୍ରେସ ଦଳକୁ ବିଜୟୀ କରିବାକୁ ସେ ନିବେଦନ କରିଥିଲେ । ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ମାତ୍ର ୫୮ଖଣ୍ଡ ଭୋଟରେ ପରାଜିତ ହୋଇଥିଲା । ଏଥର ଯେପରି ସର୍ବନିମ୍ନ ୫୮ଖଣ୍ଡ ଭୋଟରେ କଂଗ୍ରେସର ବିଜୟ ହେବ ସେଥିପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିବା ଜରୁରୀ । ଏହି ବୈଠକରେ ପଞ୍ଚାୟତ କଂଗ୍ରେସ ସଭାପତି ଦୀପକ କୁମାର ନାୟକ, ପୂର୍ବତନ ସରପଞ୍ଚ କାଙ୍ଗାଳୀ ଚରଣ ସେଠୀ, ପୂର୍ବତନ ସଭାପତି ସଞ୍ଜୟ କୁମାର ବେହୁରାଙ୍କୁ ନେଇ ଏକ ତିନିଜଣିଆ ପଞ୍ଚାୟତ ନିର୍ବାଚନ କମିଟି ଗଠିତ କରାଯାଇଥିଲା । ଏତଦ୍‌ବ୍ୟତୀତ ସିଂହଗାଁ ପଞ୍ଚାୟତ ଅନ୍ତର୍ଗତ ୩ଟି ବୁଥ୍ ପାଇଁ ୩ଟି ବୁଥ୍ କମିଟି ଗଠନ କରାଯାଇ ନିର୍ବାଚନ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସିଂହଗାଁ ପଞ୍ଚାୟତକୁ ବ୍ଲକ ଓ ଜିଲ୍ଲା ସଦର ମହକୁମା ସହିତ ସଂଯୋଗ କରୁଥିବା କଣ୍ଟିଆନାଳ ସେତୁର ମଞ୍ଜୁରୀ ଏବଂ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ କରିଥିବାରୁ ପଞ୍ଚାୟତ ବାସୀଙ୍କ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଶ୍ରୀ ବେହେରାଙ୍କୁ କୃତଜ୍ଞତା ଅର୍ପଣ କରାଯାଇଥିଲା । ଅ ପ୍ରଭାକର ପାତ୍ର, ବ୍ରଜକିଶୋର ଦାସ, ରମ୍ୟରଞ୍ଜନ ସାମଲ, ମାନସ ରଞ୍ଜନ ସେଠୀ, ପ୍ରଶାନ୍ତ କୁମାର ଦାସ, କାଙ୍ଗାଳି ଚରଣ ସେଠୀ, ରାଜୀବ କୁମାର ସେଠୀ ଓ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଶ୍ରୀ ବେହେରାଙ୍କ ସମ୍ମାନ ରକ୍ଷା କରିବାକୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସତ୍ୟ ନାରାୟଣ ଦାସ, ରାଜୀବ ସେଠୀ, କଣ୍ଡୁରୀ ସେଠୀ, ମାନସ ସେଠୀ, ପ୍ରକାଶ ମଲ୍ଲିକ, ଉଦୟନାଥ ମଲ୍ଲିକ, ଯୋଗେନ୍ଦ୍ର ମଲ୍ଲିକ, ବସନ୍ତ କୁମାର ସୂତାର, ବିକ୍ରମ ନାୟକ, ଲିପନ ନାୟକ, ଅଜୟ ଦାସ, କେଦାରନାଥ ପଲାଇ, ନରହରି ଦାସ, ସୁମନ୍ତ ଦାସ, ନାରାୟଣ ସେଠୀ, ଦୀପ୍ତିରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ପାରାଦୀପ ଲାଫିଙ୍ଗ କ୍ଲବ ପକ୍ଷରୁ ବିଶ୍ୱ ପଖାଳ ଦିବସ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରାଦୀପ,(ପି.ଏନ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପାରାଦୀପ ଲାଫିଙ୍ଗ କ୍ଲବ ପକ୍ଷରୁ ବିଶ୍ୱ ପଖାଳ ଦିବସ ମାର୍ଚ୍ଚ ୨୦ ତାରିଖ ବୁଧବାର ମଧ୍ୟାହ୍ନରେ ଗଲ୍ଫ କ୍ଲବ ପରିସରରେ ପାଳିତ ହୋଇଯାଇଛି ।ଏହି ଉତ୍ସବରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଲାଫିଙ୍ଗ କ୍ଲବ ଅଧ୍ୟକ୍ଷ ଡ଼ଃ. କୈଳାସ ଚନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଧାରଣ ସମ୍ପାଦକ ଅନନ୍ତ କୁମାର ଦାସ ଓ ସମ୍ପାଦକ ସୁଶାନ୍ତ କୁମାର ପଟ୍ଟନାୟକ କ୍ଲବର ଲକ୍ଷ୍ୟ ,ଆଭିମୁଖ୍ୟ ଓ ବିଗତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଶୁତୋଷ ସ୍ୱାଇଁ ଓ ଇଂ.କାଳୀ ପ୍ରାସାଦ ମିଶ୍ର ଙ୍କ ଦ୍ୱାରା ଆୟୋଜିତ ସପରିବାର ସାମୁହିକ ପଖାଳ ଭୋଜନ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟା ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ସୁଧାଂଶୁ ଶେଖର ସୁତାର ବ୍ୟଙ୍ଗ କବିତା ଆବୃତ୍ତି କରି ହସର ପରିବେଶ ସୃଷ୍ଟି କରିଥିଲେ ।

## ସନ୍ଦେହଘେର ରେ ବଧୂ ମୃତ୍ୟୁ, ପୋଲିସର ତଦନ୍ତ ଆରମ୍ଭ



ଅସ୍ତରଙ୍ଗ,(ପି.ଏନ): ଅସ୍ତରଙ୍ଗ ନଗର ପଞ୍ଚାୟତ ବାଲିଡିଆ ଗ୍ରାମ ରେ ଏକ ବଧୂହତ୍ୟା କୁ ନେଇ ଆସିଛି ସଂଗୀନ ଅଭିଯୋଗ,ବାଲିଡିଆ ଗ୍ରାମ ର ବୁବୁ ବେହେରା ଙ୍କ ଧର୍ମପତ୍ନୀ ଚ଼ିକି ପରିଡା (୨୪) ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ଆଣିଛନ୍ତି ଚ଼ିକି ଙ୍କ ବାପା ଝାଡଲିଙ୍ଗ ଗ୍ରାମ ର ରାମଚ଼ନ୍ଦ୍ର ପରିଡା, ସୂଚ଼ନା ମୁତାବକ ଚ଼ିକି ଓ ବୁବୁ ଚ଼ାରୀ ବର୍ଷ ପୂର୍ବରୁ ପ୍ରେମ ବିବାହ କରିଥିଲେ, ସ୍ୱାମୀ ବୁବୁ ଭୁବନେଶ୍ୱର ରେ କୌଣସି ସଂସ୍ଥା ରେ କାର୍ଯ୍ୟ କରୁଛନ୍ତି, ହଟାତ ଚ଼ିକି ଙ୍କ ପରିବାର କୁ ମଙ୍ଗଳବାର ଅପରାହ୍ନ ରେ ଖବର ଯାଇଥିଲା ତାଙ୍କ ଝିଅ ରସୀ ଲଗାଇ ଆତ୍ମହତ୍ୟା କରିଛି, ସଙ୍ଗେ ସଙ୍ଗେ ଚ଼ିକି ଙ୍କ ବାପ ଘର ଲୋକ ଘଟଣା ସ୍ଥଳରେ ପହଂଚ଼ି ଅସ୍ତରଙ୍ଗ ଥାନା ରେ ଚ଼ିକି ଙ୍କ ସ୍ୱାମୀ ବୁବୁ ବେହେରା, ଦେଢଶୁର ବବୁଲ ବେହେରା, ଶଶୁର ଦିଲ୍ଲୀପ ବେହେରା ଓ ଶାଶୁ ମିତା ବେହେରା ଙ୍କ ନାମ ଏତଲା ଦାୟର କରିଛନ୍ତି, କିଛି ଦିନ ତଳେ ଯୌତୁକ ଓ ପାରିବାରିକ ଘଟଣା କୁ ନେଇ ଚ଼ିକି ଓ ତାଙ୍କ ଶଶୁର ଘର ସହ କିଛି ମନ ମାଳିନ୍ୟ ହୋଇଥିଲା, ଏହାକୁ ନେଇ ଚ଼ିକି ଙ୍କ ବାପ ଘର ଲୋକ ଆସି ସମାଧାନ କରିଥିଲେ, କିନ୍ତୁ ଝିଅ ର ଏଭଳି ଘଟଣା ପାଇଁ ସମ୍ପୂର୍ଣ୍ଣ ସ୍ତବ୍ଧ ହୋଇଛି ବାଲିଡିଆ ଗ୍ରାମ ଓ ତାଙ୍କ ଉଭୟ ପରିବାର, କଣ ପାଇଁ ଚ଼ିକି ଏଭଳି କାଣ୍ଡ ଘଟାଇଲେ ତାହା ସମ୍ପୂର୍ଣ୍ଣ ସନ୍ଦେହ ଘେରରେ, ବର୍ତ୍ତମାନ ଅସ୍ତରଙ୍ଗ ପୋଲିସ ତରଫରୁ ପାଇଥିବା ଏତଲା ମୁତାବକ ୬୧/୨୪ରେ କେଶ ରୁଜୁ ହେବା ସହ ଫରେନଶିକ୍ ଟିମ୍ ର ଯାଞ୍ଚ କରାଯାଇ ଶବ କୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି, ଚ଼ିକି ଙ୍କ ଶଶୁର ଓ ଦେଢେଶୁର ଙ୍କୁ ଗତକାଲି ଥାନା ରେ ଅଟକ ରଖାଯାଇ ପଚ଼ରାଉଚ଼ରା କରାଯାଇଛି, କିନ୍ତୁ ତାଙ୍କ ସ୍ୱାମୀ ଭୁବନେଶ୍ୱର ରୁ ଆସୁଥିବା ସମୟ ରେ ନିମାପଡା ନିକଟରେ ଦୁର୍ଘଟଣା ର ଶିକାର ହୋଇଛନ୍ତି ଯାହା ତାଙ୍କ ପରିବାର ଲୋକ କହିଛନ୍ତି କିନ୍ତୁ ତାଙ୍କ ଅନୁପସ୍ଥିତ ଘଟଣା ର ସନ୍ଦେହ କୁ ଘନୀଭୂତ କରୁଛି, ଏହା ଆତ୍ମହତ୍ୟା କୀ ସାଜିସ୍ ହତ୍ୟା ଏହା ପୋଲିସ ର ତଦନ୍ତ ପରେ ସାମ୍ନା କୁ ଆସିବ ବୋଲି ବୁଦ୍ଧିଜୀବୀ ମହଲ ରେ ଦାବି ହେଉଛି ।

# ଯୁବ ଗୋଷ୍ଠୀ ପାଳିଲେ ପଖାଳ ଦିବସ

ମାଲକାନଗିରି ,(ପି.ଏନ): କାଲିମେଳା ବ୍ଲକ ଅନ୍ତର୍ଗତ ଏମ ଭି- ୭୯ ଠାରେ କିଛି ଯୁବଗୋଷ୍ଠୀ ପାଳିଲେ ପଖାଳ ଦିବସ ।ମାଲକାନଗିରି ଜିଲ୍ଲା ରେ ବହୁ ଭାଷା ଭାଷୀ ଲୋକ ବାସ କରୁଥିଲେ ମଧ ଆଜି ସମସ୍ତେ ଏକତ୍ରିତ ହୋଇ ଓଡ଼ିଆମାନଙ୍କ ଅତି ପ୍ରିୟ ପଖାଳ ଦିବସକୁ ମଇ ୨୦ ତାରିଖରେ ପଖାଳ ଦିବସକୁ ପାଳନ କରିଥାନ୍ତି ।ପ୍ରତି ଦିନ ସକାଳେ ପଖାଳ ଖାଇବା ଓଡିଆଙ୍କ ସବୁଦିନିଆ ଖାଦ୍ୟ ହୋଇଥିଲେ ମଧ ଗ୍ରୀଷ୍ମ ଋତୁରେ ସକାଳେ ଓ ମଧାହ୍ନରେ ପଖାଳ ଭାତ ଖିଆଯାଏ । ଗ୍ରୀଷ୍ମ ଦିନେ ପେଟ ଥଣ୍ଡା ରହିବା ପାଇଁ ଧନୀ ଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତେ ପଖାଳ ଖାଇବାକୁ ଆଗ୍ରହ ପ୍ରକାଶ କରନ୍ତି । ଅତ୍ୟାଧୁନିକ ଜୀବନଶୈଳୀରେ ଅନେକ ପ୍ରଥା ପରମ୍ପରା ,ଚ଼ାଲି ଚ଼ଳଣି, ରୀତି ନୀତି ବଳି ପଡିଥିଲେ ମଧ୍ୟ ପଖାଳ ଖାଦ୍ୟ ତା'ର ଅସ୍ତିତ୍ୱ ହରାଇ ନାହିଁ। ଓଡିଆଙ୍କ ଏହି ପାରମ୍ପରିକ ଖାଦ୍ୟକୁ ଲୋକପ୍ରିୟ କରିବା ପାଇଁ ଗ୍ରୀଷ୍ମ ଋତୁକୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱବ୍ୟାପୀ ପଖାଳ ଦିବସ ଭାବେ ପାଳନ କରାଯାଇଥାଏ । ପ୍ରଥମେ ୨୦୧୧ ମସିହା ମାର୍ଚ୍ଚ ୨୦ ତାରିଖକୁ 'ପାଖଳ ଦିବସ' ଭାବେ ପାଳନ କରାଯାଇଥିଲା। ଏହି ପରମ୍ପରାରକୁ ସ୍ମରଣ କରିବା ପାଇଁ ଏମଭି- ୭୯ ଗ୍ରାମର ଯୁବ ଗୋଷ୍ଠୀ ଏକତ୍ର ହୋଇ ପଖାଳ ଦିବସକୁ ଅତି ଆଗ୍ରହ ସହକାରେ ପାଳନ କରିଛନ୍ତି । ସ୍ଥାନୀୟ ଯୁବ ଗୋଷ୍ଠୀ କହିବା ଅନୁସାରେ ପ୍ରତି ବର୍ଷ ଏହି ପଖାଳ ଦିବସ ପାଳନ କରିବେ । ଆଧୁନିକର ଚ଼ାକଚ଼କ୍ୟରେ କିଛି ଯୁବକମାନେ ପଖାଳ ଭାତକୁ ପାସୋରି ଯାଉଥିବା ବେଳେ ମାଲକାନଗିରି ଜିଲ୍ଲାରେ ଅସହ୍ୟ ଖରା ଓ ଅଂଶୁଘାତ ଜନିତ ସମସ୍ୟାରୁ ନିଜକୁ ସୁରକ୍ଷିତ କରିବା ପାଇଁ ସମସ୍ତେ ପୁଣି ପଖାଳ ଖାଇବାର ସ୍ୱାସ୍ଥ୍ୟ ପ୍ରଦ ମନେ କରନ୍ତି । ପଖାଳ ବିଭିନ୍ନ ପ୍ରକାର ପ୍ରସ୍ତୁତ କରାଯାଇଥାଏ । ବାସି ପଖାଳ, ଚ଼ାଇଁ ପଖାଳ ଓ ସଜ ପଖାଳ । କିଏ ଭାତରେ ପାଣି ,ବାସି ତୋରାଣି ଦେଇ ସେଥିରେ ଦହି, ଲେମ୍ବୁପତ୍ର, ସୋରିଷ ଲଙ୍କା ଛୁଙ୍କ କରି ପ୍ରସ୍ତୁତ କରିଥାଏ ପଖାଳ। ପୁଣି ପଖାଳ ସହିତ ବିଭିନ୍ନ ପ୍ରକାରର ଚ଼ଟଣି ଲୋକେ ଖାଇଥା'ନ୍ତି । ଧନିଆ, ନଡିଆ, ପୁଦିନା, ଆମ୍ବ, କରମଙ୍ଗା, ତେନ୍ତୁଳି,ଆମ୍ବୁଲ ସମେତ ସୁନୁସୁନିଆ, ଲେଉଟିଆ, ସଜନା, କଳମ ଆଦି ବିଭିନ୍ନ ପ୍ରକାରର ଶାଗଭଜା, ବିଭିନ୍ନ ପ୍ରକାର ଆଚ଼ାର ପଖାଳର ସ୍ୱାଦକୁ ବହୁଗୁଣିତ କରିଦିଏ ।ବିଭିନ୍ନ ଅଞ୍ଚଳର ଲୋକ ଭିନ୍ନ ଭିନ୍ନ ପ୍ରକାର ପନିପରିବା ଭଜା,ମାଛ ଭଜା ,ଶୁଖୁଆ ଭଜା କରି ପଖାଳ ସହିତ ଖାଇଥାନ୍ତି ।ଆଜିର ଏହି ପଖାଳ ଦିବସରେ ଆଶିଷ କୁମାର ବାଇନ ଓ ସଂଜୀବ ହାଲଦାର, ମାନସ ରଞ୍ଜନ ଜେନା , ଆମିତ କୁମାର ମଣ୍ଡଳ, ପ୍ରଭାତ ସାହା,ସୂରଜ ମଣ୍ଡଳ, ବିକି ବାରିକ, ଚ଼ିରଞ୍ଜିତ ବାଳା, ରାକେଶ ମଣ୍ଡଳ ,ଆଲୋକ, ପ୍ରଭାତ ସାହା ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

# ନାରୀଶକ୍ତିର ଚାତୁର୍ଯ୍ୟ,ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ମହାନ



ନୂଆଦିଲ୍ଲୀ ,(ପି.ଏନ): ନାରୀଶକ୍ତିର ଚାତୁର୍ଯ୍ୟ, ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ମହାନ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତ ପ୍ରକାଶ କରିଛନ୍ତି। ୱାର୍ଲଡ଼ ଓଡ଼ିଶା ସୋସାଇଟି (ୱା. ଓ. ସୋ) ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ ଆୟୋଜିତ ତୃତୀୟ ଶକ୍ତି ଉତ୍ସବ-୨୦୨୪ ରେ ଭାଗନେଇ ଅତିଥି ବକ୍ତା ମାନେ ନାରୀ ଜାତିର ମହନୀୟତା ଉପରେ ଆଲୋକପାତ କରିଥିଲେ ।ହାଇବ୍ରିଡ଼ ମଞ୍ଚରେ ଅନୁଷ୍ଠିତ ଏହି ସମାରୋହରେ ଭାରତ ବର୍ଷର ବିଭିନ୍ନ ରାଜ୍ୟ ଏବଂ ବିଶ୍ୱର ବହୁ ରାଷ୍ଟ୍ରରୁ ୱା. ଓ. ସୋ ର ସଦସ୍ୟ , ପ୍ରବାସୀ ଓଡ଼ିଆ ତୁଙ୍ଗ ନେତୃବର୍ଗ ଏବଂ ଓଡ଼ିଆ ସମାଜର ପ୍ରତିନିଧିମାନେ ଯୋଗ ଦେଇଥିଲେ। ମୁଖ୍ୟ ଉତ୍ସବ ଜାତୀୟ ରାଜଧାନୀ କ୍ଷେତ୍ରର ଗାଜିଆବାଦ ଠାରେ ପାଳନ କରାଯାଇଥିବା ବେଳେ ଶତାଧିକ ବିଶ୍ୱ ଓଡ଼ିଆ ଏଥିରେ ଆଭାସୀ ଢଙ୍ଗରେ ସଂଯୁକ୍ତ ହୋଇଥିଲେ ।ସଭାରେ ବରେଣ୍ୟ ଅତିଥି ଭାବେ ସାମିଲ ହୋଇ ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ, ବିଶ୍ୱ ଭରି ଓଡ଼ିଆ ମାନଙ୍କୁ ଯୋଡ଼ିବାରେ ୱାର୍ଲଡ଼ ଓଡ଼ିଶା ସୋସାଇଟି ର ପ୍ରୟାସ ପ୍ରଶଂସନୀୟ ବୋଲି କହିଥିଲେ ।ଚଳିତ ଶତାବ୍ଦୀ ମହିଳାମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି ଦର୍ଶାଇ ନାରୀ ଜାତିର ଉତ୍ଥାନ ପାଇଁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇ ଦେବାକୁ ଶ୍ରୀମତୀ ପଟ୍ଟନାୟକ ଆହ୍ୱାନ ଜଣାଇଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ୱାର୍ଲଡ଼ ଓଡ଼ିଶା ସୋସାଇଟି ର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ମହିଳାମାନଙ୍କଠାରେ ମାଟିର ମୂର୍ତ୍ତିକାର ସାଜିବା ଠାରୁ ଆରମ୍ଭ କରି ଝଡ଼ର ଇଗଲ ବନିବା ପର୍ଯ୍ୟନ୍ତ ସମସ୍ତ କ୍ଷମତା ମହଜୁଦ ଥିବାରୁ ସେମାନେ ସ୍ୱ ଶକ୍ତିସମ୍ପର୍ଣ୍ଣା ବୋଲି ଉଲ୍ଲେଖ କରିଥିଲେ। ୱା.ଓ.ସୋ ର ପ୍ରତିଷ୍ଠାତ୍ରୀ ଡ଼ଃ ଅରୁନ୍ଧତୀ ଦେବୀ ସାମ୍ପ୍ରତିକ ସମାଜରେ ମହିଳା ମାନଙ୍କୁ ଏକ ଭୋଗ୍ୟ ସାମଗ୍ରୀ ରୂପେ ବ୍ୟବହାର କରାଯାଉଥିବା ନେଇ ଘୋର କ୍ଷୋଭ ପ୍ରକାଶ କରି ସେମାନଙ୍କୁ ଯଥାମାନ୍ୟ ସମ୍ମାନ ପ୍ରଦାନ କରାଯିବାକୁ ଆଗ୍ରହ ପ୍ରକାଶ କରିଥିଲେ। ୱା.ଓ.ସୋ ର ମହିଳା ସଶକ୍ତିକରଣ କମିଟିର ଆବାହକ ଏବଂ କଳାହାଣ୍ଡିର ଉପ-ଜିଲ୍ଲାପାଳ ଶୁଭସ୍ମିତା ମିଶ୍ର ନାରୀମାନଙ୍କର ସାମ୍ବିଧାନିକ ଓ ଆଇନଗତ ଅଧିକାର କୁ ସୁରକ୍ଷିତ ରଖାଯିବା ନେଇ ବ୍ୟାପକ ଓ ବୈପ୍ଲବିକ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ ।ୱା.ଓ.ସୋ ର ମହିଳା ଶାଖାର ସଭାପତି ଡ଼ଃ ସୁନନ୍ଦା ମିଶ୍ର ପଣ୍ଡା,ନାରୀର ଶ୍ରେଷ୍ଠତ୍ୱ ଯୁଗ ଯୁଗ ଧରି ପ୍ରମାଣିତ ହୋଇ ଆସିଥିବା ସୁଚାଇଥିଲେ। ଏହି ଅବସରରେ ୱା.ଓ.ସୋ ର ସାଧାରଣ ସମ୍ପାଦକ ଏବଂ ସୁନାମଧନ୍ୟ ସମାଜସେବୀ ଡ଼ଃ ଚିଦାତ୍ମିକା ଖଟୁଆଙ୍କୁ ପୃଥିବୀ ବ୍ୟାପି ମହିଳା ସମ୍ପ୍ରଦାୟଙ୍କର ମଙ୍ଗଳ ସକାଶେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୱା.ଓ.ସୋ ର ପ୍ରଥମ ମହା ନାରୀ ସମ୍ମାନ ପ୍ରଦାନ କରାଯାଇଥିଲା ।ପୁରସ୍କାର ଗ୍ରହଣ କରି ଡ଼ଃ ଖଟୁଆ ୱା.ଓ.ସୋ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହିତ ତାଙ୍କର ନାରୀ ଜାଗରଣ ଅଭିଯାନକୁ ସେ ଅଧିକ ଶାଣିତ କରିବେ ବୋଲି ଘୋଷଣା କରିଥିଲେ ।ସଭାରେ ପ୍ରତିଭାବାନ ଫେସନ ଡିଜାଇନର ପ୍ରିୟଙ୍କା ଜେନା,ପ୍ରସିଦ୍ଧ ଚାଟାର୍ଡ ଏକାଉଣ୍ଟାଣ୍ଟ ସୁଧୀର ଦାଶ ଓ ବରିଷ୍ଠ ପ୍ରଶାସକ ଡ଼ଃ ଦେବେନ୍ଦ୍ର ମାଝୀ ଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖ ଯୋଗ୍ୟ ଅବଦାନ ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା। ଆଶୁ କବି ଡ଼ଃ କୁଳମଣି ବିଶ୍ୱାଳ ଓ ପ୍ରତିଷ୍ଠିତ କବୟତ୍ରୀ ଲକ୍ଷ୍ମୀପ୍ରିୟା ଦାସ ସେମାନଙ୍କ ର କବିତା ଗୁଡିକୁ ଖୁବ ସୁନ୍ଦର ଓ ସାବଲୀଳ ଢଙ୍ଗରେ ଆବୃତ୍ତି କରିଥିଲେ ।ସୁବିଖ୍ୟାତ କଥାକାର ଡ଼ଃ ମଧୁସ୍ମିତା ମିଶ୍ର ତାଙ୍କର 'ଅନିନ୍ଦିତା'ଶୀର୍ଷକ କ୍ଷୁଦ୍ର ଗଳ୍ପକୁ ବେଶ ପ୍ରାଞ୍ଜଳ ଓ ପ୍ରଭାବଶାଳୀ ଢଙ୍ଗରେ ଶୁଣାଇ ଉପସ୍ଥିତ ଶ୍ରୋତା ମାନଙ୍କୁ ଚମତ୍କୃତ କରିଦେଇଥିଲେ। ସୁଧୀର ଦାଶ ଏବଂ ତାଙ୍କର ସାଥୀ କଳାକାର ଶୋଭା ନାରଙ୍ଗ, ସୁଧା କାଲରା ଓ ମୋନିକା ଚୌଧୁରୀଙ୍କର ସୁମଧୁର ସଂଗୀତ ପରିବେଷଣ ବେଶ ମନୋରଞ୍ଜକ ଥିଲା। ଆମେରିକା ରୁ ସୁଦକ୍ଷ ଉପସ୍ଥାପିକା ବନୋଜିନୀ ନାୟକ ସମଗ୍ର କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ସଞ୍ଚାଳନା କରିଥିଲେ। ନନ୍ଦନ ଦ୍ୱିବେଦୀ ଡିଜିଟାଲ କକ୍ଷକୁ ଦକ୍ଷତାର ସହିତ ନିୟନ୍ତ୍ରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜନା ପଟ୍ଟନାୟକ, ଡ଼ଃ ଦେବେନ୍ଦ୍ର ମାଝୀ,ଅଜୟ କୁମାର ଦାସ ଓ ରୀତା ପାତ୍ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ୱା.ଓ.ସୋ ର ନୂଆଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ରର ମୁଖ୍ୟ ସଂଯୋଜକ ଉମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଡ଼ଃ ନଳିନୀ ପତି, ଶ୍ୱି ରଞ୍ଜନ ବିଶ୍ୱାଳ, ଅକ୍ଷୟ ମହାନ୍ତି, ଡ଼ଃ ଯଶୋଧାରା ମିଶ୍ର,ପୁଷ୍ପାଞ୍ଜଳି ବାରିକ,ପ୍ରଭାତୀ ପାଣିଗ୍ରାହୀ, ଲିଲି ଜେନାମଣି, ପ୍ରବୋଧ ସାମନ୍ତରା, ଡ଼ଃ ସରୋଜିନୀ ପାଣି, ଡ଼ଃ ସାଗର ରଞ୍ଜନ ତ୍ରିପାଠୀ, ସୁବାସ ସାହୁ, ସଞ୍ଜୟ ରାୟ,ରଜନୀକାନ୍ତ ମିଶ୍ର,ଜ୍ଞାନ ପ୍ରକାଶ ଜେନା, ଦିଲ୍ଲୀପ ମହାନ୍ତି,ପ୍ରଫେସର ଶ୍ରୀନିବାସ ପାଠୀ, ମନୋରଞ୍ଜନ ମହାନ୍ତି,ସୁରେନ୍ଦ୍ର ସିଂ ଡୋଗ୍ରା, ନିବେଦିତା ଗିରି, ସନାତନ ମହାକୁଡ଼, ବରଦା ପ୍ରସନ୍ନ ଦାସ, ଡ଼ଃ ଜ୍ୟୋତିର୍ମୟୀ ତ୍ରିପାଠୀ, ଶ୍ରୀବାଣୀ ମହାନ୍ତି,ଆଲୋକ ପଣ୍ଡା, ବିରଜା ମହାପାତ୍ର,ଆଚାର୍ଯ୍ୟ ଅଭିମନ୍ୟୁ ଓ ଲଳିତ କୁମାର ପ୍ରଧାନ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray